আଜି - ଗୁରୁବାର
ତାରିଖ - ୨୦ ଅଗଷ୍ଟ ୨୦୨୬
ମାସ - ଷିଂହ, ଦିନ - ୦୪
ତିଥି - ଅଷ୍ଟମୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ବିଶାଖା, ବିଛା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୩୨:୦୦
ସୂର୍ଯ୍ୟାସ୍ତ - ୬:୦୯:୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ମାନବ ଦାନବ ହେବା ତା'ର ପରାଜୟ, ମାନବ ମହାମାନବ ହେବା ଚମତ୍କାରିତା ଏବଂ ମନୁଷ୍ୟ ମାନବ ହେବା ତା'ର ବିଜୟ ।"
- ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ

E-News : www.Ajikali epaper.com

Vol.- 41 ISSUE- 127 R.N.I. REGD. No. 44026/86 ବାଲେଶ୍ୱର ୨୦ ଅଗଷ୍ଟ ୨୦୨୬ ଗୁରୁବାର BALASORE 20 AUGUST 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଓଡ଼ିଶାର ୩ଟି ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ

### ଖଡ଼ଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ, ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ ଓ ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ଆଜି ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କା ମୂଲ୍ୟର ଚାରୋଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି: କ.) ଖଡ଼ଗପୁର - ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନ - ୧୭୩ କିଲୋମିଟର (ପଶ୍ଚିମବଙ୍ଗ ଏବଂ ଓଡିଶା) ଖ.) ଭଦ୍ରକ - ହରିଦାସପୁର ଚତୁର୍ଥ ଲାଇନ - ୭୫ କିଲୋମିଟର (ଓଡିଶା) ଗ.) ଗୁମ୍ମିଡିପୁଣ୍ଡି - ଗୁଡୁର ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୯୦ କିଲୋମିଟର (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ) ଘ.) କଟକ - ପାରାଦୀପ (ବଡ଼ବନ୍ଧ) ତୃତୀୟ ଏବଂ ଚତୁର୍ଥ ଲାଇନ୍ - ୭୨ କିଲୋମିଟର (ଓଡିଶା) ବର୍ଦ୍ଧିତ ରେଳ ଲାଇନ କ୍ଷମତା ଟ୍ରାଫିକ ପ୍ରବାହରେ ଯଥେଷ୍ଟ ସୁଧାର ଆଣିବ । ଏହାଫଳରେ ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ଏବଂ ସେବା ବିଶ୍ୱସନୀୟତା ବୃଦ୍ଧି ପାଇବ । ଏହି ରେଳଲାଇନ ସମ୍ପ୍ରସାରଣ ପ୍ରକଳ୍ପ ପ୍ରସ୍ତାବଗୁଡ଼ିକ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବ ବୋଲି ଆଶା କରାଯାଉଛି । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ । ଏହାର ଲକ୍ଷ୍ୟ ହେଉଛି, ପାର୍ଶ୍ୱବର୍ତ୍ତୀ ଅଂଚଳର ବ୍ୟାପକ ବିକାଶ ମାଧ୍ୟମରେ ସେଠାକାର ଲୋକମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଯାହାଦ୍ୱାରା ସେମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି/ ସ୍ୱନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ଅଂଶବିଶେଷ, ଯାହାର ଲକ୍ଷ୍ୟ ହେଉଛି ସମନ୍ୱିତ ଯୋଜନା ପ୍ରସ୍ତୁତି ଏବଂ ଅଂଶୀଦାରଙ୍କ ପରାମର୍ଶ ମାଧ୍ୟମରେ ବହୁମୁଖୀ ଯୋଗାଯୋଗ ଓ ଲଜିଷ୍ଟିକ୍ସ ଦକ୍ଷତା ବୃଦ୍ଧି କରିବା । ଏହି ପ୍ରକଳ୍ପଗୁଡ଼ିକ ସାଧାରଣ ଯାତ୍ରୀ, ସାମଗ୍ରୀ ଏବଂ ସେବାର ସୁଗମ ପରିବହନ ସୁନିଶ୍ଚିତ କରିବ । ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ଆଠଟି ଜିଲ୍ଲା ଏସବୁ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ । ଏହି ଚାରୋଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ । ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକ ପ୍ରାୟ ୬୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୬,୪୪୮ ଗ୍ରାମକୁ ଯୋଗାଯୋଗରେ ସୁଧାର ଆଣିବ । ଏହି ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଓଡ଼ିଶାର କୁଳଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା' ଭଦ୍ରକାଳୀ ମନ୍ଦିର, ମା' ଧାମରାଇ ମନ୍ଦିର, ପଂଚଲିଙ୍ଗେଶ୍ୱର ମନ୍ଦିର, ତାଳସରୀ-ଉଦୟପୁର ଏବଂ ଚାନ୍ଦିପୁର ବେଳାଭୂମି, ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିର, ସାରଳା ମନ୍ଦିର, ଧବଳେଶ୍ୱର ମନ୍ଦିର, ଲଳିତ ଗିରି ବୌଦ୍ଧ ଐତିହ୍ୟ ସ୍ଥଳୀ ସମେତ ଆନ୍ଧ୍ର ପ୍ରଦେଶ ଓ ତାମିଲନାଡ଼ୁର ପୁଲିକେଟ୍ ହ୍ରଦ, ନେଲାପଟ୍ଟୁ ପକ୍ଷୀ ଅଭୟାରଣ୍ୟ, ବୀରରାଘବ ପେରୁମଲ ମନ୍ଦିର ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର ଆସିବ । ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ କୋଇଲା, ଲୁହାପଥର, ସିମେଂଟ, ଲୁହା ଏବଂ ଇସ୍ପାତ, କଂଟେନର, ଅଟୋମୋବାଇଲ, ଶସ୍ୟ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ ହୋଇଥିବା କାରଣରୁ ଏହାର ନିର୍ମାଣ ଦ୍ୱାରା ବାର୍ଷିକ ୭୬ ନିୟୁତ ଟନ୍ ଅତିରିକ୍ତ ମାଲ ପରିବହନ କ୍ଷମତା ବୃଦ୍ଧି ପାଇବ ।



## ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର ରେଳ ଭିତିଭୂମି ସୁଦୃଢ଼ କରିବାକୁ କେନ୍ଦ୍ର କ୍ୟାବିନେଟ ୩ଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ ଅନୁମୋଦନ କରିଛି । ତୃତୀୟ ଓ ୪ର୍ଥ ରେଳପଥ ନିର୍ମାଣ କରାଯିବ । ଏହା ଲାଇନ କ୍ଷମତା ବୃଦ୍ଧି କରିବା ସହ ରେଳ ଚଳାଚଳକୁ ସୁଗମ କରିବ ଏବଂ ଭିଡ଼ କମାଇବାରେ ସାହାଯ୍ୟ କରିବ । ଓଡ଼ିଶା, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ୪ଟି ପ୍ରକଳ୍ପ ନିର୍ମାଣ ହେବ । ଓଡ଼ିଶା କିନ୍ତୁ ଥିରେ ଅଧିକ ଲାଭବାନ ହେବ । କଟକ-ପାରାଦୀପ (ବଡ଼ବନ୍ଧ), ଭଦ୍ରକ-ହରିଦାସପୁର, ଖଡ଼ଗପୁର- ଭଦ୍ରକ (ରାଣୀତାଲ)କୁ ନୂଆ ରେଳଲାଇନ୍ ବିଛାଯିବ । ଏହି ୪ ରାଜ୍ୟର ୮ଟି ଜିଲ୍ଲାକୁ ସାମିଲ କରୁଥିବା ଏହି ୪ଟି ମଲ୍ଟିଟ୍ରାକିଂ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ଭାରତୀୟ ରେଳବାଇର ନେଟୱାର୍କ ପ୍ରାୟ ୪୧୦ କିଲୋମିଟରର ବୃଦ୍ଧି ପାଇବ । ୨୦୩୦-୩୧ ସୁଦ୍ଧା ଶେଷ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକରେ ଆନୁମାନିକ ୯,୪୫୦ କୋଟି ଟଙ୍କା ଖର୍ଚ୍ଚ ହେବ । ଓଡ଼ିଶାକୁ ଏହି ପ୍ରକଳ୍ପ ମଂଜୁର କରିଥିବାରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖି କୃତଜ୍ଞତା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଓଡ଼ିଶା ବିକାଶରେ ଏହି ପ୍ରକଳ୍ପ ବେଶ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା ଅନୁସାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ରେଳ ମନ୍ତ୍ରଣାଳୟର ପ୍ରାୟ ୯,୪୫୦ କୋଟି ଟଙ୍କାର ୪ଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡ଼ିକ ହେଉଛି, ଖଡ଼ଗପୁର - ଭଦ୍ରକ (ରାଣୀତାଲ) ୪ର୍ଥ ଲାଇନ୍: ୧୭୩ କିମି (ପଶ୍ଚିମବଙ୍ଗ ଏବଂ ଓଡ଼ିଶା) । ଭଦ୍ରକ - ହରିଦାସପୁର ୪ର୍ଥ ଲାଇନ୍: ୭୫ କିମି, କଟକ - ପାରାଦୀପ (ବଡ଼ବନ୍ଧ): ୩ୟ ଏବଂ ୪ର୍ଥ ଲାଇନ୍ - ୭୨ କିମି (ଓଡ଼ିଶା) ଏବଂ ଗୁମ୍ମିଡିପୁଣ୍ଡି - ଗୁଡୁର ୩ୟ ଏବଂ ୪ର୍ଥ ଲାଇନ୍: ୯୦ କିମି (ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ) । ଏହାଦ୍ୱାରା ଲାଇନ୍ କ୍ଷମତା ବୃଦ୍ଧି ପାଇବା ସହ ଯାତାୟତ ସୁଗମ ହେବ । ଭାରତୀୟ ରେଳବାଇର କାର୍ଯ୍ୟଦକ୍ଷତା ବଢ଼ିବ । ଏହି ମଲ୍ଟି-ଟ୍ରାକିଂ ପ୍ରକଳ୍ପଗୁଡ଼ିକ ରେଳ ଚଳାଚଳକୁ ସୁଗମ କରିବା ସହ ଭିଡ଼ କମାଇବାରେ ସାହାଯ୍ୟ କରିବ । ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ନୂତନ ଭାରତ' ପରିକଳ୍ପନାକୁ ସାକାର କରିବ । ମଲ୍ଟି-ମୋଡାଲ୍ କନେକ୍ଟିଭିଟି ଏବଂ ଲଜିଷ୍ଟିକ୍ସ କ୍ଷମତା ବୃଦ୍ଧି ଉପରେ ଧ୍ୟାନ ଦେଇ 'ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍' ଆଧାରରେ ଏହି ପ୍ରକଳ୍ପଗୁଡ଼ିକର ଯୋଜନା କରାଯାଇଛି । ଏହି ପ୍ରକଳ୍ପଗୁଡ଼ିକ ଯାତ୍ରୀ ପରିବହନ, ପଣ୍ୟଦ୍ରବ୍ୟ ଏବଂ ସେବାର ନିରବଚ୍ଛିନ୍ନ ଚଳାଚଳ ପାଇଁ ସୁବିଧା ଯୋଗାଇଦେବ । ଅଶ୍ୱିନୀ କହିଲେ, ପଶ୍ଚିମବଙ୍ଗ, ଓଡ଼ିଶା, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶର ୮ଟି ଜିଲ୍ଲାକୁ ସାମିଲ କରୁଥିବା ଏହି ୪ଟି ପ୍ରକଳ୍ପ ପ୍ରାୟ ୬,୪୪୮ଟି ଗାଁର ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବ, ଯାହାର ଜନସଂଖ୍ୟା ପ୍ରାୟ ୬୦ ଲକ୍ଷ ।



## ଅଳ୍ପରେ ଖବର

▸▸ ବାଲେଶ୍ୱର ଜିଲ୍ଲାରେ ପ୍ରବଳ ବନ୍ୟା ସ୍ରୋତରେ ଭାସିଯାଇଥିବା ଜଣେ ବ୍ୟବସାୟୀଙ୍କୁ ବୁଧବାର ସ୍ଥାନୀୟ ଯୁବକମାନେ ଉଦ୍ଧାର କରିଛନ୍ତି । ରିପୋର୍ଟ ଅନୁଯାୟୀ, ବ୍ୟବସାୟୀ ଜଣକ ପ୍ରବଳ ବନ୍ୟା ସ୍ରୋତରେ ଫସି ଯାଇଥିଲେ ।

▸▸ ସୁବର୍ଣ୍ଣରେଖା ନଦୀ ପୁଣି ଥରେ ବିପଦ ସଙ୍କେତ ଅତିକ୍ରମ କରିଛି । ଯାହା ଫଳରେ ବାଲେଶ୍ୱର ଜିଲ୍ଲାରେ ବଡ଼ ବନ୍ୟା ଆଶଙ୍କା ସୃଷ୍ଟି କରିଛି ।

▸▸ ଓଡ଼ିଶାରେ ଆଧୁନିକ ପ୍ରଯୁକ୍ତି ଓ ଶିଳ୍ପ ଭିତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏକ ଦୃଢ଼ ପରିବେଶ ଗଠନ ଲକ୍ଷ୍ୟରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଗୁଜରାଟର ଧୋଲେରା ଶିଳ୍ପ ପରିଦର୍ଶନ କରିଛନ୍ତି ।

▸▸ ଲୋକଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଛନ୍ତି ପୂର୍ବତନ ଡିଜିପି ୱାଇବି ଖୁରାନିଆ । ଏହି ଅବସରରେ ରାଜ୍ୟପାଳ ଓଡ଼ିଶା ପ୍ରତି ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ତାଙ୍କୁ ପ୍ରଶଂସା କରିବା ସହ ତାଙ୍କର ନିରନ୍ତର ସୁସ୍ଥତା ଓ ମଙ୍ଗଳମୟ ଜୀବନ ପାଇଁ ଶୁଭେଚ୍ଛା ଜଣାଇଥିଲେ ।

### ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏସ୍‌ସିବି ନୂଆ ବିଲ୍ଡିଂ

## ଆଉ ଏକ ମେଡିସିନ୍ ବ୍ଲକ କରିବା ପାଇଁ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଏସ୍‌ସିବି ନୂଆ ବିଲ୍ଡିଂର ଉଦଘାଟନ ହେବ ଡିସେମ୍ବରରେ । ଜାନୁଆରୀରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଏହି ନିଷ୍ପତି ନିଆଯାଇଛି । ପୁରୁଣା ବିଲ୍ଡିଂ ସହ ନୂଆ ମେଡିସିନ ବିଭାଗ ବିଲ୍ଡିଂ ନିର୍ମାଣ ହେବ । ଏନେଇ ଡିପିଆର ପ୍ରସ୍ତୁତ ପରେ ଖୁବ୍ ଶୀଘ୍ର ପୁଣି ଥରେ ବୈଠକ ବସିବ । କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଉନ୍ନତିକରଣ ଓ ଭିତିଭୂମି ବିକାଶ ସହିତ ଏହାକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ରୂପାନ୍ତରିତ କରିବା ପାଇଁ ଚାଲିଥିବା ମେଗା ପୁନଃବିକାଶ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି । ଏସସିବି ମେଡିକାଲ ପରିସରରେ ୪ଟି ନୂତନ କ୍ଲିନିକାଲ୍ ଏବଂ ଗୋଟିଏ ଆବାସିକ ବ୍ଲକର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଆବାସିକ ବ୍ଲକର ନିର୍ମାଣ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବାବେଳେ କ୍ଲିନିକାଲ୍ ବ୍ଲକ ଗୁଡିକ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ଶେଷ ହେବ ବୋଲି ସୂଚନା ଦିଆଯାଇଥିଲା । ଏହା ସହିତ ଆଉ ଏକ ମେଡିସିନ୍ ବ୍ଲକ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ଖୁବ୍ ଶୀଘ୍ର ସ୍ଥାନ ନିରୂପଣ କରି ପ୍ରସ୍ତାବ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣାଧୀନ ବହୁତଳ କାର ପାର୍କିଂ ଏବଂ ହସ୍ପିଟାଲର ଆନୁଷଙ୍ଗିକ ଭିତିଭୂମି ବିକାଶ କାର୍ଯ୍ୟର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି ।



## ଯୌତୁକମୁକ୍ତ ଓଡ଼ିଶା ଏବଂ ଘରୋଇ ହିଂସାମୁକ୍ତ ଘର ଗଠନ ସରକାରଙ୍କ ଲକ୍ଷ୍ୟ : ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : 'ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ, ୨୦୦୫' ଏବଂ 'ଯୌତୁକ ନିରୋଧ ଆଇନ, ୧୯୬୧' ବିଷୟରେ ରାଜ୍ୟସ୍ତରୀୟ ଓରିଏଂଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଛି । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅଧ୍ୟକ୍ଷତା କରିଥିଲେ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଯେତେବେଳେ ମହିଳାମାନେ ନିଜର ଅଧିକାର ବିଷୟରେ ସଚେତନ ହେବେ, ସେତେବେଳେ ସେମାନେ ସଶକ୍ତ ହୋଇପାରିବେ । ହିଂସା, ଭେଦଭାବ ଏବଂ ଯୌତୁକ ସମ୍ବନ୍ଧୀୟ ପ୍ରଥା ବିରୋଧରେ ସ୍ୱର ଉତୋଳନ କରିବା ପାଇଁ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଜରୁରୀ । ଯୌତୁକମୁକ୍ତ ଓଡ଼ିଶା ଏବଂ ଘରୋଇ ହିଂସାମୁକ୍ତ ଘର ଗଠନ କରିବା ସରକାରଙ୍କ ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେବଳ କଠୋର ଆଇନ ନୁହେଁ, ବରଂ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା, ତୃଣମୂଳ ସ୍ତରରେ ସଚେତନତା ଏବଂ ସମସ୍ତ ଅଂଶୀଦାରଙ୍କ ମିଳିତ ସହଯୋଗ ଆବଶ୍ୟକ । ଘରୋଇ ହିଂସା କିମ୍ବା ଯୌତୁକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ଯେପରି ସମୟସୀମା ମଧ୍ୟରେ ସୁରକ୍ଷା, ଆଇନଗତ ସହାୟତା, ପରାମର୍ଶ ଏବଂ ଅନ୍ୟାନ୍ୟ ପ୍ରସଙ୍ଗିକ ସହାୟତା ମିଳିପାରିବ, ତାହା ସୁନିଶ୍ଚିତ କରିବାକୁ ସେ ଅଧିକାରୀ ଓ ପ୍ରତ୍ୟକ୍ଷ କାର୍ଯ୍ୟକର୍ତାମାନଙ୍କୁ ଆହ୍ୱାନ କରିଛନ୍ତି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା-ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶ୍ୱାଲ, ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀ ଏବଂ ବିଭାଗର ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



## ବେଆଇନ ନିଶା କାରବାର ରୋକିବା ଦିଗରେ ଅବକାରୀ ବିଭାଗର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର: ବେଆଇନ ନିଶା ଓ ମାଦକ ଦ୍ରବ୍ୟ ଯୋଗୁଁ ଅନେକ ଧନଜୀବନ ହାନି ଘଟୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଶାମୁକ୍ତ ଭାରତ ଅଭିଯାନକୁ ଗୁରୁତ୍ୱ ଦେଇ ଆସିଛନ୍ତି । ଏହି କ୍ଷେତ୍ରରେ ଅବକାରୀ ବିଭାଗର ଦାୟିତ୍ୱ ଅତି ଗୁରୁତ୍ୱପୂର୍ଣ୍ଣ । ବେଆଇନ ନିଶା ଓ ମାଦକ କାରବାରକୁ ରୋକିବା ଏବଂ ନିୟମିତ ଚଢ଼ାଉ କରିବା ଦିଗରେ ଅବକାରୀ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଗତ ଦୁଇବର୍ଷ ମଧ୍ୟରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ତେବେ ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରି ଓଡ଼ିଶାକୁ ବେଆଇନ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଆମେ ସଂକଳ୍ପବଦ୍ଧ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଜି ବିଭାଗ ପକ୍ଷରୁ ଆୟୋଜିତ ଅବକାରୀ କନଷ୍ଟେବଲମାନଙ୍କ ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଚାକିରି ଜୀବନରେ ପ୍ରଶିକ୍ଷଣ କେବଳ ଔପଚାରିକତା ନୁହେଁ । ଏହା କାର୍ଯ୍ୟ ଦକ୍ଷତା, ଆଚରଣ, ସଚ୍ଚୋଟତା, ଶୃଙ୍ଖଳା ଜ୍ଞାନକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ସୁଯୋଗ ସୃଷ୍ଟି କରେ । ତେଣୁ ଏହି ତାଲିମରୁ ଜ୍ଞାନ ଅର୍ଜନ କରି ବିଭାଗର କାର୍ଯ୍ୟକୁ ସଫଳତାର ସହ ଆଗକୁ ନେବା ପାଇଁ ଅବକାରୀ କନଷ୍ଟେବଲମାନଙ୍କୁ ସେ ପରାମର୍ଶ ଦେଇଥିଲେ । ବୈଠକରେ ଅବକାରୀ କମିଶ୍ୱନର ପି. ଅନ୍ୱେଷା ରେଡ୍ଡୀ ତାଲିମ କାର୍ଯ୍ୟକ୍ରମର ବିସ୍ତୃତ ରୂପରେଖ ଏବଂ ଏହି ତାଲିମ କର୍ମଚାରୀମାନଙ୍କ ଲାଗି କେତେ ଉପଯୋଗୀ ହୋଇପାରିବେ ତାହା ବର୍ଣ୍ଣନା କରିଥିଲେ । ତାଲିମ କାର୍ଯ୍ୟକ୍ରମରେ ମୋଟ ୪୪୬ ଜଣ କନଷ୍ଟେବଲଙ୍କୁ ତାଲିମ ଦିଆଯିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୧୫୦ ଜଣ ତାଲିମ ଗ୍ରହଣ କରିବେ । ଏହି ୪୦ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅବକାରୀ ଆଇନ ଓ ନିୟମ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ, ଏନ୍‌ଡିପିଏସ୍ ଆକ୍ଟ ଓ ସରକାରୀ କର୍ମଚାରୀ ଆଚରଣ ନିୟମ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବ ।



## ବାଲେଶ୍ୱରରେ ବନ୍ୟା ଆଶଙ୍କା : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟର ଅନ୍ୟ ନଦୀଗୁଡ଼ିକରେ ବନ୍ୟା ସ୍ଥିତିରେ ସୁଧାର ଆସିଥିବା ବେଳେ ଉତର ଓଡ଼ିଶାର ପ୍ରମୁଖ ନଦୀ ସୁବର୍ଣ୍ଣରେଖାରେ ମଧ୍ୟମ ଧରଣର ବନ୍ୟା ଆସିବାର ଆଶଙ୍କା ଦେଖାଦେଇଛି । ବିଶେଷକରି ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖାର ଜଳସ୍ତର ଆହୁରି ବୃଦ୍ଧି ପାଇବ ବୋଲି ବୁଧବାର ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ କହିବା ଅନୁଯାୟୀ, ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ବର୍ଷା ପରିମାଣ କମିଥିଲେ ମଧ୍ୟ ଝାଡ଼ଖଣ୍ଡର ଉପରମୁଣ୍ଡରୁ ଲଗାତାର ବନ୍ୟା ଜଳ ଛଡ଼ାଯାଉଛି । ଚାଣ୍ଡିଲ୍ ଡ୍ୟାମ୍‌ରୁ ବର୍ତ୍ତମାନ ପ୍ରାୟ ୧,୪୧୦.୪୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଫଳରେ ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରେ ଜଳସ୍ତର ବଢ଼ିବାରେ ଲାଗିଛି ଏବଂ ରାଜଘାଟଠାରେ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ଅନ୍ୟପକ୍ଷରେ, ବ୍ରାହ୍ମଣୀ, ବୈତରଣୀ ଏବଂ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ହ୍ରାସ ପାଉଥିବା ଯୋଗୁଁ ଲୋକେ କିଛି ମାତ୍ରାରେ ଆଶ୍ୱସ୍ତି ଲାଭ କରିଛନ୍ତି । ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ପ୍ରଶାସନକୁ ହାଇଆଲର୍ଟରେ ରଖାଯାଇଛି ଏବଂ ମୟୂରଭଞ୍ଜ, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ମଧ୍ୟ ସତର୍କ କରାଯାଇଛି । ବନ୍ୟା କ୍ଷୟକ୍ଷତିର ଚିତ୍ର ରଖି ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଏବଂ ଭଦ୍ରକ ସମେତ ୬ଟି ଜିଲ୍ଲାର ୬୮ଟି ବ୍ଲକ୍ ପ୍ରଭାବିତ ହୋଇଛି । ଏଥିରେ ୪୬୯ଟି ପଂଚାୟତ, ୧୫୬୯ଟି ଗାଁ ଏବଂ ୧୦ଟି ସହରାଂଚଳର ୬୪ଟି ୱାର୍ଡ ଜଳବନ୍ଦୀ ରହିଛି । ସର୍ବମୋଟ ୧୧,୬୫,୮୩୭ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ୪,୨୬,୬୭୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।





# ଏମ୍ସ ବହିର୍ବିଭାଗର ନୂତନ ଡାକ୍ତରମାନଙ୍କୁ ସ୍ୱାଗତ

## ଏମ୍ସର ସମସ୍ତ ବିଭାଗ ଓ ୩ଶହ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ସେଂଟର କାର୍ଯ୍ୟକ୍ଷମ ପାଇଁ ଦାବି

ବାଲେଶ୍ୱର,(ନି.ପ୍ର.): ଗତ ୨୦୧୭ ମସିହାରୁ ଏମ୍ସ ସାଟେଲାଇଟ୍ ସେ□ରର ବହିର୍ବିଭାଗ ପ୍ରଥମ ପର୍ଯ୍ୟାୟରେ ସପ୍ତାହକୁ ଗୋଟିଏ ଦିନ ଓ ପରବ□ୀ ସମୟରେ ସପ୍ତାହକୁ ଶୁକ୍ରବାର ଓ ଶନିବାର ମାତ୍ର ଦୁଇଦିନ ପାଇଁ କାର୍ଯ୍ୟ କରୁଥିଲା । ଏମ୍ସ ସାଟେଲାଇଟ୍ ସେ□ରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାବାସୀ ଦାବି କରିଆସୁଥିଲେ । ଚଳିତ ଅଗଷ୍ଟ ପହିଲା ଦିନ ବାଲେଶ୍ୱର ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣସଂଗଠନ ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏମ୍ସ ସାଟେଲାଇଟ୍ ସେ□ର ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ଏମ୍ସ କ□ୃପକ୍ଷଙ୍କ ପ୍ରତିଶ୍ରୁତି ଅନୁଯାୟୀ ଗତ ସୋମବାର ଠାରୁ ବହିର୍ବିଭାଗର ୫ଟି ବିଭାଗ କାର୍ଯ୍ୟ



ଆରମ୍ଭ କରିଛି । କେବଳ ରବିବାର ବ୍ୟତୀତ ସପ୍ତାହବ୍ୟାପୀ ଏହି ବହିର୍ବିଭାଗ କାର୍ଯ୍ୟକ୍ଷମ ରହିବ । ପର୍ଯ୍ୟାୟକ୍ରମେ ବହିର୍ବିଭାଗରେ ଅନ୍ୟ ସମସ୍ତ ବିଭାଗ କାର୍ଯ୍ୟ ଆରମ୍ଭ କରିବ ବୋଲି ଏମ୍ସ କ□ୃପକ୍ଷ ସୂଚନା ଦେଇଛନ୍ତି । ସମସ୍ତ ରୋଗର ପରୀକ୍ଷା ପାଇଁ ପାଥୋଲ୍ୟାବ୍ ଓ ଔଷଧ ଦୋକାନ ସବୁ ଯଥାଶୀଘ୍ର କାର୍ଯ୍ୟାରମ୍ଭ କରିବ । ଚଳିତ ସପ୍ତାହରେ ଅର୍ଥପେଡ଼ିକ୍, ଚର୍ମ, ପ୍ରସୂତି, ସ୍ତ୍ରୀରୋଗ ଓ ଦନ୍ତବିଭାଗ କାର୍ଯ୍ୟ ଆରମ୍ଭ କରିଛି । ଆସନ୍ତା ସପ୍ତାହମାନଙ୍କରେ ସର୍ଜରୀ, ଗାଇନିଂ, ମେଡିସିନ୍, ପେଡିଆଟ୍ରିକ୍, ଇଏନ୍ଟି, ନ୍ୟୁରୋ ଓ ସାଇକାଟିକ୍ ପ୍ରଭୃତି ବିଭାଗ କାର୍ଯ୍ୟ କରିବ । ବୁଧବାର ଦିନ ସକାଳେ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ଓ ବିଭିନ୍ନ ଗଣସଂଗଠନର ନେତୃମଣ୍ଡଳୀ ଏମ୍ସ ବହିର୍ବିଭାଗରେ କାର୍ଯ୍ୟାରମ୍ଭ କରିଥିବା ଡାକ୍ତର, ନର୍ସ ଓ କର୍ମଚାରୀମାନଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଏମ୍ସ କ□ୃପକ୍ଷ ନିଜର ପ୍ରତିଶ୍ରୁତି ରକ୍ଷା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏମ୍ସର ସଂପୂର୍ଣ୍ଣ ବହିର୍ବିଭାଗ ସହ ତୁରନ୍ତ ୩ଶହ ଶଯ୍ୟା ବିଶିଷ୍ଟ ସାଟେଲାଇଟ୍ ସେ□ର ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ସେମାନେ ଦାବି କରିଛନ୍ତି । ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସଂପାଦକ ପ୍ରଦୀପ ଦାସ, ଅତିରିକ୍ତ ସାଧାରଣ ସଂପାଦକ ପ୍ରଫୁଲ୍ଲ କୁମାର ଦାସ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା, ରେମୁଣା ଅ□ଳ କମିଟିର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କମିଟି ପକ୍ଷରୁ ଗୋବିନ୍ଦ ଚନ୍ଦ୍ର ଭୋଇଙ୍କ ସମେତ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, ସିଭିଲ୍ ସୋସାଇଟି ଓ ବରିଷ୍ଠ ନାଗରିକ ମ□ର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଓ କବି ଡ. କାଳିପଦ ପଣ୍ଡା ପ୍ରମୁଖ ସଂଗଠନର ବହୁ କର୍ମକ□ା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# 'ମନା' ପକ୍ଷରୁ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, (ନି.ପ୍ର.): ଦେଶ ଓ ରାଜ୍ୟର ଯୁବକ ଯୁବତୀମାନଙ୍କୁ ନିଶାଠାରୁ ଦୂରେଇରଖିବା ପାଇଁ ମିଳିତ ନିଶା ନିବାରଣ ଅଭିଯାନ (ମନା) ପକ୍ଷରୁ ନିଶା ବିରୋଧି ସଚେତନତା ଶିବିର ବର୍ଷବ୍ୟାପୀ ଅନୁଷ୍ଠିତ ହେଉଛି । ବୁଧବାର ଦିନ ଅପରାହ୍ନରେ ସ୍ଥାନୀୟ ପୋଲିସ୍ ସରକାରୀ ହାଇସ୍କୁଲ ପରିସରରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍, ମୁଖ୍ୟ ଶାଖା, ବାଲେଶ୍ୱରର ସହଯୋଗରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ ଅତିଥିଭାବେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁ□ିଆ ଯୋଗଦେଇ ଏହିପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥିଭାବେ ଶିଶୁ ରୋଗ ବିଶେଷଜ୍ଞ ତଥା ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମିନାକ୍ଷୀ ରାୟ ବିଭିନ୍ନ ପ୍ରକାର ନିଶାସେବନର ଭୟାବହତା ଉପରେ ନିଜର ମତ ଦେଇଥିଲେ । ଆଗାମୀ ଦିନର ଯୁବପିଢ଼ି ତଥା ନାଗରିକମାନେ ନିଶା ବିରୋଧରେ ସଚେତନ ହେଲେ ନିଶା କବଳରୁ ସମସ୍ତ ପରିବାର, ରାଜ୍ୟ ଓ ଦେଶ ନିଶାମୁକ୍ତ ହୋଇପାରିବ ବୋଲି ଡା. ରାୟ ମତ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ଆଇନଜୀବୀ ପ୍ରଭାକର ସାହୁ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଉପଦେଷ୍ଟା ବରିଷ୍ଠ ରୋଟାରୀଆନ୍ ସୁବ୍ରତ କର, ସାଧାରଣ ସଂପାଦିକା ମମତା ମହାପାତ୍ର, କାର୍ଯ୍ୟକ୍ରମର ସଂଯୋଜକ ଡ. କ୍ଷିତୀଶ୍ୱର ଦାଶ ପ୍ରମୁଖ ନିଶା ବିରୋଧରେ 'ମନା'ର ସଚେତନତା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସହକାରୀ ଶିକ୍ଷକ ନଗେନ୍ କୁମାର ସିଂ ମ□ ଆହ୍ୱାନ କରି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶିବନାରାୟଣ ନାୟକ, ପ୍ରଭାତ ବାରିକ, ସେକ୍ ଆୟୁବ୍ ଓ ସନମ୍ ମହନ୍ତି ଏହି ଶିବିରର ତାତ୍ପର୍ଯ୍ୟ ସଂପର୍କରେ ନିଜନିଜର ଅଭିମତ ରଖିଥିଲେ । ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ଦିଆଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କ ସମେତ 'ମନା' ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, କଲ୍ୟାଣୀ ନନ୍ଦ, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, କ୍ରିଷ୍ଣା ସାହା, ଭାସ୍କର ଚନ୍ଦ୍ର ମିଶ୍ର, ବାସନ୍ତୀ ଦେ, ଗୌରାଙ୍ଗ ପାଣିଗ୍ରାହୀ, ଦୟାନିଧି ମହାପାତ୍ର, ଲକ୍ଷ୍ମଣ ବିଶ୍ୱାଳ, ଗଙ୍ଗାଧର ପୃଷ୍ଟି, କବି ପ୍ରଭାକର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶିକ୍ଷୟିତ୍ରୀ ଇନ୍ଦୁମତୀ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ।

# ସିପିଆଇଏମ ପକ୍ଷରୁ ବନ୍ୟା ପ୍ରତିକାର ପାଇଁ ଦାବି

ବାଲେଶ୍ୱର (ନି.ପ୍ର.) ଜିଲ୍ଲା ତମାମ ଲଗାଣ ବର୍ଷା ଏବଂ ସମସ୍ତ ନଦୀ ବନ୍ୟାର ସୀମା ରେଖା ଉପରେ ଥିବାବେଳେ ରାଜ୍ୟ ସରକାରଙ୍କ ବନ୍ୟା ଅଂଚଳ ଓ ପାଣି ଘେର ମଧ୍ୟରେ ଥିବା ଲୋକଙ୍କୁ ଉଦ୍ଧାର କରିବାରେ ଉଦ୍ୟମ ବହୁତ କମ ଥିଲାବେଳେ ଅଧିକ ପ୍ରଚାର କରିବାରେ ରାଜ୍ୟର ଡବଲ ଇଂଜିନ ସରକାର ବେଶ ବ୍ୟସ୍ତ ବୋଲି ଗତ କାଲି ବାଲେଶ୍ୱର ଠାରେ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ବସି ଏହି ବିଜ୍ଞପ୍ତି ପ୍ରକାଶ କରିଛି କ୍ଷ ହଜାର ହଜାର ଏକର ଚାଷ ଜମି ଦୁଇଦୁଇ ଥର ନଷ୍ଟ ହେଲାଣି କ୍ଷ ଏ ପର୍ଯ୍ୟନ୍ତ କ୍ଷତିର ଆକଳନ ସଠିକ ଭାବେ ହୋଇ ପାରିନାହିଁ କ୍ଷ ଭାଙ୍ଗି ଯାଇଥିବା ଘର ଗୁଡିକ ଏବେବି ପାଣି ଭିତରେ ପଡି ରହିଛି କ୍ଷ ଉଚ୍ଚ ସ୍ଥାନରେ ପଲିଥିନ ଟାଙ୍ଗୀ ଲୋକେ ପ୍ରବଳ ବର୍ଷାରେ ରହୁଛନ୍ତି କ୍ଷ କୁହାଯାଉଛି ୬୫ ହଜାର ଲୋକଙ୍କୁ ଶୁଖିଲା ସ୍ଥାନକୁ ପ୍ରଶାସନ ସ୍ଥାନାନ୍ତର କରିଛନ୍ତି କ୍ଷ ଏହା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ ବୋଲି ସିପିଆଇଏମ ଏଠାରେ ପ୍ରକାଶ କରିଛି କ୍ଷ ସିପିଆଇଏମ ତରଫରୁ ଏକ ଟିମ ଜଳେଶ୍ୱର, ରେମୁଣା ପ୍ରଭୃତି ସ୍ଥାନରେ ବନ୍ୟାଂଚଳ ପରିଦର୍ଶନ କରିବା ସହିତ କିଛି ଶୁଖିଲା ଖାଦ୍ୟ ବଂଟନ କରିଛି କ୍ଷ ଏବେ କିଛି ସ୍ଥାନରେ ପ୍ରଶାସନ ତରଫରୁ ରନ୍ଧା ଖାଦ୍ୟ ଦିଆଯାଉଛି କ୍ଷ ସରକାରଙ୍କ ବନ୍ୟାଂଚଳ ଲୋକଙ୍କ ପ୍ରତି ଏଭଳି ମନୋଭାବ ଓ ମିଥ୍ୟା ପ୍ରଚାର ଅତ୍ୟନ୍ତ ନିନ୍ଦନୀୟ ବୋଲି ଏଠାରେ ସିପିଆଇଏମ ପ୍ରକାଶ କରିଛି । ତୁରନ୍ତ ସମସ୍ତ କ୍ଷତିଗ୍ରସ୍ତ ଅଂଚଳର ଲୋକଙ୍କ କ୍ଷତିର ଆକଳନ ଯୁଦ୍ଧକାଳୀନ ଭାବେ କରିବା ସହିତ କ୍ଷତିପୂରଣର ବ୍ୟବସ୍ଥା ନେବାକୁ ହେବ କ୍ଷ ଏହା ସହିତ ଚାଷ କ୍ଷତି ପୂରଣ ପାଇଁ ରାଜ୍ୟ ସରକାର ଯେଉଁ ଅର୍ଥର ବ୍ୟବସ୍ଥା କରିଛନ୍ତି ତାହା ଅତ୍ୟନ୍ତ ନଗଣ୍ୟ କ୍ଷ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିର ସମୟୋପଯୋଗୀ ସଂଶୋଧନ କରି ପର୍ଯ୍ୟାପ୍ତ ପରିମାଣ କ୍ଷତିପୂରଣ ଦେବା ପାଇଁ ସିପିଆଇଏମ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଏଠାରେ ଜିଲ୍ଲା ସମ୍ପାଦକ ଶିଶିର କୁମାର ହୁଇ ବିବୃତିରେ ଦାବୀ କରିଛନ୍ତି କ୍ଷ ବନ୍ୟାଂଚଳରେ ପାର୍ଟି ର କର୍ମୀ ଓ ସଭ୍ୟମାନେ ଉଦ୍ଧାର କାର୍ଯ୍ୟକ୍ରମ ନେବା ସହିତ ଖାଦ୍ୟ ଯୋଗାଇ ଦେବା ପାଇଁ ସିପିଆଇଏମ ଜିଲ୍ଲା କମିଟି ଆହ୍ୱାନ ଦେବା ସହିତ ଅସହାୟ ଲୋକଙ୍କୁ ସାହାଯ୍ୟ ପାଇଁ ଜନସାଧାରଣ ସହଯୋଗର ହାତ ବଢ଼ାଇ ଦେବାକୁ ମଧ୍ୟ ଆହ୍ୱାନ ଦିଆ ଯାଇଛି କ୍ଷ ଗତ କାଲିର ଜିଲ୍ଲା ବୈଠକରେ ସୀତାଂଶୁ ସେନାପତି ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରିଷ୍ଠ ପାର୍ଟି ନେତା ନିର୍ମଳ ନାୟକ, ବିଜୟ କୁମାର ପତ୍ର, ପ୍ରେମ ରଞ୍ଜନ ପତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ହରପ୍ରିୟା ଜେନା,ଶ୍ୟାମ ସୁନ୍ଦର ଜେନା, ରାଜ କିଶୋର ଲେଙ୍କା ଏବଂ ଗୋବିନ୍ଦ ବାରିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# ବନ୍ୟାଂଚଳରେ ଶୁଖିଲା ଖାଦ୍ୟ ବଂଟନ

ବାଲେଶ୍ୱର (ନି.ପ୍ର.)- ଏ ଆଇ ଡି ଏସ ଓ ବାଲେଶ୍ୱର ଜିଲ୍ଲା କମିଟି ଉଦ୍ୟୋଗରେ ଆଜି ସଦର ବାଲେଶ୍ୱର ର କ୍ଷତିଗ୍ରସ୍ତ ବନ୍ୟା ପ୍ରପୀଡ଼ିତ ଅଂଚଳ ଅକ୍ତିଆର ପୁର ଗ୍ରାମରେ ଲୋକ ମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି କ୍ଷ ଚଳିତ ମାସ ଲଗାଣ ବର୍ଷା ଓ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ସହରର ବସ୍ତି ଅଂଚଳ ଗୁଡିକ ଜଳ ମଗ୍ନ ହେବା ସହିତ ବ୍ୟାପକ କ୍ଷୟ କ୍ଷତି ହୋଇ




ଲୋକମାନେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ ଏ ଆଇ ଡି ଏସ ଓ ନେତୃତ୍ୱରେ ଛାତ୍ର ଛାତ୍ରୀ ମାନେ ବନ୍ୟା କ୍ଷତିଗ୍ରସ୍ତ ହୋଇନଥିବା ଅଂଚଳରୁ ରିଲିଫ ସାମଗ୍ରୀ ସଂଗ୍ରହ କରୁଛନ୍ତି ଓ ବନ୍ୟା ରେ କ୍ଷତିଗ୍ରସ୍ତ ହୋଥିବା ଅଂଚଳରେ ଲୋକମାନଙ୍କୁ ତାହା ବଂଟନ କରାଯାଉଛି କ୍ଷ ସଂଗଠନ ର ଜିଲ୍ଲା ସମ୍ପାଦକ ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱ ରେ ଆଜି ଛାତ୍ର ବିଭୂରଞ୍ଜନ ନାଏକ, ବରୁଣ ବେହେରା, ସୁବାସ ବେହେରା, ବଳିୟାର ସିଂ ପ୍ରମୁଖଙ୍କ ସହଯୋଗ ରେ ଅକ୍ତିୟାର ପୁର ଗ୍ରାମରେ ଏହି ରିଲିଫ କ୍ୟାମ୍ପ କରାଯାଇ ୨୫ ଟି ପରିବାର କୁ ଶୁଖିଲା ଖାଦ୍ୟ ବଂଟନ କରାଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ରେ ଗ୍ରାମବାସୀ ତଥା ୱାଡ ମେମ୍ବର ପୂର୍ଣ୍ଣ ସହାୟତାରେ କରିଥିଲେ ।

# ଗୁରୁତର ଭାବରେ ଆହତ ଷଣ୍ଢକୁ ଜମ୍ୱେଶ୍ୱରପୁର ଯୁବ ସଂଗଠନ କର୍ମକର୍ତାଙ୍କ ଦ୍ୱାରା ଉଦ୍ଧାର, ଚିକିତ୍ସା ଜାରି

ବାଲେଶ୍ୱର(ନି.ପ୍ର.)ସଦର ବ୍ଲକ ଗେଙ୍ଗୁଟି ପଂଚାୟତ ଅଧୀନରେ ଥିବା ଜମ୍ୱେଶ୍ୱରପୁର ଗ୍ରାମର ଯୁବ ସଂଗଠନ ସାହାଯ୍ୟରେ ରାସ୍ତାକଡରେ ପଡ଼ିଥିବା ଗୁରୁତର ଆଘାତପ୍ରାପ୍ତ ଷଣ୍ଢ ଉଦ୍ଧାର ଓ ସ୍ଥାନୀୟ ପଶୁଚିକିତ୍ସକ ଦ୍ୱାରା ଚିକିତ୍ସିତ । ପାଖଗାଁ ବସନ୍ତପୁର ବିଦ୍ୟାଳୟ ପାଖ ରାସ୍ତାକଡ଼ରେ ରେ କୌଣସି ଏକ ଦୁର୍ବୃତ ଦ୍ୱାରା ଗୁରୁତର ଆଘାତପ୍ରାପ୍ତ, ମରଣସହ ସଂଗ୍ରାମ କରୁଥିବା ଷଣ୍ଢକୁ ଦେଖି, ସ୍ଥାନୀୟ ବାସିନ୍ଦା ଜୟନ୍ତ ଆଚାର୍ଯ୍ୟ, ମାନବାଧିକାର କର୍ମୀ ସୁଧାକର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।ଶ୍ରୀ ସେଠୀ ତୁରନ୍ତ ପଶୁବିଭାଗକୁ ଜଣାଇବା ଫଳରେ ସ୍ଥାନୀୟ ପଶୁଧନ ନୀରୀକ୍ଷକ ଅବିନାଶ ଦାସ ଖବର ପାଇ ଉପସ୍ଥିତ ହୋଇ ଚିକିତ୍ସା ଆରମ୍ଭ କରିଥିଲେ । ଷଣ୍ଢଟି ଠିକସେ ଆତଯାତ କରିନପାରିବା, ପିଠିରେ ମାରଣାସ୍ତ୍ରରେ ସୃଷ୍ଟି ଗଭୀର କ୍ଷତରୁ ରକ୍ତକ୍ଷରଣକୁ ଆଖିଆଗରେ ରଖି ଜମ୍ୱେଶ୍ୱରପୁର ଯୁବକ ସଂଘର କର୍ମକର୍ତା ସର୍ବଶ୍ରୀ ସୁଜିତ୍ କୁମାର



ବାରିକ୍, ଅଜିତ୍ କୁମାର ଦାସ, ସାଗର ପାଣିଗ୍ରାହୀ, ସରୋଜ ଦାସ, ସଂଜିପ ନାୟକ, ଦେବାଶିଷ ରାୟ,ରାହୁଲ ଦାସ, ରାଜେଶ୍ ଦାଶ, ଲାୟୁସୁ ପ୍ରଧାନ, ଅଜିତ୍ କୁମାର ବାରିକ୍,ବିଭୂଷରଣ ମହାନ୍ତି, କମଲେଶ ଦାଶ, ତ୍ରିଲୋଚନ ବେହେରା,ଶମ୍ଭୁଆ ଦାସ ଯତ୍ନର ସହ ତାକୁ ଆଣି, ଗ୍ରାମର ହରିସଭାଗୃହ ବାରଣ୍ଡାରେ ଖାଦ୍ୟ ପାନୀୟ ଦେବା ସହ ସମସ୍ତ ଚିକିତ୍ସାର ସୁ ବ୍ୟବସ୍ଥା କରିଥିଲେ । ବର୍ଷାରୁ ରକ୍ଷା ପାଇବା ସହ ଉପଯୁକ୍ତ ଆବଶ୍ୟକୀୟ ସେବା ସହଯୋଗ ଲାଭରେ ଷଣ୍ଢଟି ଏବେ ଆରୋଗ୍ୟ ଲାଭ କରୁଥିବାର ଦେଖାଯାଇଛି । ଯୁବ ସଂଗଠନର ଏଭଳି ସେବା ସହଯୋଗକୁ ସମସ୍ତେ ପ୍ରଶଂସା କରୁଛନ୍ତି ।

# ଶ୍ରୀନିକ୍ସ ବୈଷୟିକ ବିଦ୍ୟାଳୟରେ ନବୀକରଣ ଉତ୍ସବ

ବାଲେଶ୍ୱର,(ନିପ୍ର); ଶ୍ରୀନିକ୍ସ ବୈଷୟିକ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନର କରାଯାଇଛି । ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ଼ ଯଶୋବନ୍ତ କୁମାର ମହାନ୍ତି ପୌରହିତ୍ୟ କରିବା ସହିତ ନବାଗତା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ଏକାଗ୍ରତା ଓ ସମୟାନୁବର୍ତିତା ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଚାନ୍ଦିପୁର ପିଏକ୍ସଇ ନିର୍ଦ୍ଦେଶକ ଡ ସୁଜିତ କୁମାର ସି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଶୃଙ୍ଖଳିତ ଜୀବନଜାପନ ସହିତ କଠୋର ଅଧ୍ୟବସାୟ ବଳରେ ସଫଳତାର ଶୀର୍ଷକୁ ଯିବା ପାଇଁ ପରାମର୍ଶ ଦେଇଥିଲେ । ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ପ୍ର. ବନଜା ମହାପାତ୍ର ମଂଚ ପରିଚାଳନା ସହ ଅତିଥି ପରିଚୟ ଦେଇଥିଲେ । ଏମ୍‌ବିଏ ବିଭାଗ ପ୍ର. ସୁଶ୍ରୀ ଲିପିକାବାଳା ମଣ୍ଡଳ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ନୀତି ନୀୟମ ସମ୍ପର୍କରେ ଅବଗତ କରାଇବା ସହ ନବାଗତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏକାଡେମିକ୍ ଡିନ୍ ତଥା କମ୍ପ୍ୟୁଟର ବିଭାଗ ମୁଖ୍ୟ ଡ଼. ଅରବିନ୍ଦ ପଣ୍ଡା ଇଞ୍ଜିନିୟରଙ୍କ ଯୋଗ୍ୟତା ଓ କାର୍ଯ୍ୟଦକ୍ଷତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରାଇଥିଲେ । ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ର. ପ୍ରଶାନ୍ତ କୁମାର ତ୍ରିପାଠୀ, ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ର. ମାନସ ରଞ୍ଜନ ସାହୁ, ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିକ୍ ବିଭାଗ ମୁଖ୍ୟ ସୁମନ୍ତ କୁମାର ଦାସ, ସିଭିଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ର. ହରପ୍ରସାଦ ଶତପଥୀ, ଏମ୍‌ବିଏ ବିଭାଗ ମୁଖ୍ୟ ଡ଼. ସ୍ନେହାଶିଷ ପଣ୍ଡା ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟର ମନୋଜ କୁମାର ପ୍ରଧାନ ପ୍ରମୁଖ ନବାଗତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନୁଷ୍ଠାନ ପକ୍ଷରୁ ନବାଗତ ଛାତ୍ରଛାତ୍ୟୀଙ୍କୁ ଏହି ଅବସରରେ ବ୍ୟାଗ୍ ଓ ପାଠ୍ୟକ୍ରମ ସମ୍ପର୍କିତ ଖସଡା ଆଦି ପ୍ରଦାନ କରାଯାଇଥିଲା । ଏମ୍‌ସିଏ ବିଭାଗ ମୁଖ୍ୟ ଇଞ୍ଜିନିୟର ମିହିର କୁମାର ବେହେରା ଧନ୍ୟବାଦ ଦେଇଥିଲେ । ଅଧ୍ୟାପକ ଅଜିତାନନ୍ଦ ଦେବଗୋସ୍ୱାମୀ ଅଧ୍ୟାପକ ଗୋପାଳ ପାଲ, ନୀଳମାଧବ ଲେଙ୍କାଙ୍କ ସମେତ ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ରାଜ୍ୟ କନିଷ୍ଠ କବାଡ଼ିରେ ଜିଲ୍ଲା କ୍ରୀଡ଼ାବିତଙ୍କ ସଫଳତା

ବାଲେଶ୍ୱର(ନି.ପ୍ର.) ଭୁବନେଶ୍ୱରର ଗୋଠପାଟଣା ଠାରେ ହୋଇଥିବା ୫୨ତମ ରାଜ୍ୟ ସ୍ତରୀୟ କନିଷ୍ଠ କବାଡ଼ି ପ୍ରତିଯୋଗିତା ଅଗଷ୍ଟ ୧୩ ରୁ ୧୬ ତାରିଖ ମଧ୍ୟରେ ହୋଇଥଲା । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ୧୨ ଜଣ ବାଳକ ଅଂଶ ଗ୍ରହଣ କରିଥିଲେ । ଲିଗ ପର୍ଯ୍ୟାୟରେ ହୋଇଥିବା ଖେଳରେ ବାଲେଶ୍ୱର ଜିଲ୍ଲା ଖେଳାଳୀ ମାନେ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ । ପ୍ରତିଯୋତିତାର ଫାଇନାଲ ଖେଳ ଖୋର୍ଦ୍ଧା ଜିଲ୍ଲା ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ହୋଇ ଥିଲା । ବାଲେଶ୍ୱର ଜିଲ୍ଲା ଦଳ ଖୋର୍ଦ୍ଧା ଜିଲ୍ଲା ଦଳ ଠାରୁ ଫାଇନାଲରେ ୨୩-୧୯ ପଏଂଟରେ ହାରିଯାଇ ରନର୍ସ ଅପ୍ ହୋଇଥିଲେ ଏବଂ ପୁରସ୍କାର ସ୍ୱରୁପ ଦଳକୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଅଂଶଗ୍ରହଣ କରିଥିବା ଖେଳାଳୀ ମାନେ ହେଲେ ଦିପକ ମାଝି,ଗୋପାଳ ମହୁରି,ହରିଶ କରନ,ଉତମ ଦଳେଇ,ତାପସ ପାତ୍ର,ଜଗନ ଜେନା,ଦିଲିପ କୁମାର ଟୁଡୁ,କିରଣ ପାତ୍ର,ପ୍ରଦିପ ବାରିକ,ଭକ୍ତ ବନ୍ଧୁ ଜେନା,ଅତିତ କାନ୍ତି ଦାସ,ରାହୁଲ କୁମାର ମହାଳିକ,କୋଚ ମନୋଜ କୁମାର ଜେନା ଦଳରେ ଥିଲେ । ଖେଳାଳି ମାନଙ୍କର ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଓ ସହ ସାଧାରଣ ସମ୍ପାଦକ ଶ୍ରୀ ପଦ୍ମଲୋଚନ ଲେଙ୍କା ସହିତ ସମସ୍ତ କର୍ମକର୍ତା ,ସଭ୍ୟ ମାନେ ଖେଳାଳୀ ମାନଙ୍କୁ ଅଭିନନ୍ଦନ ଦେବା ସହିତ କ୍ରୀଡ କ୍ଷେତ୍ରରେ ତାଙ୍କର ଉନ୍ନତି କାମନା କରିଛନ୍ତି ।

# 'ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନ'ର ସାଧାରଣ ସଭା


ବାଲେଶ୍ୱର,(ନିପ୍ର) 'ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିୟନର ସାଧାରଣ ସଭା ଓ ନୂତନ କର୍ମଚାରୀ ନିର୍ବାଚନ ଅନୁଷ୍ଠିତ ହୋଇଛି । ଜଗଦୀଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ତଥା ଏଆଇଟିୟୁସିର ରାଜ୍ୟ ଉପସଭାପତି ଗୌରାଙ୍ଗ ପାଣିଗ୍ରାହୀ ଯୋଗଦେଇ କର୍ପୋରେଟ୍ ହାଉସ୍‌ର ପୁଞ୍ଜିପତି ମାଲିକଙ୍କ ସ୍ୱାର୍ଥରକ୍ଷା ପାଇଁ ଏବର ସରକାର ପୂର୍ବ ପ୍ରଚଳିତ ଶ୍ରମ ଆଇନକୁ ସଂଶୋଧନ କରିଥିବା କହିଥିଲେ । ଏହା ବିରୋଧରେ ଦେଶବ୍ୟାପୀ ଶ୍ରମିକମାନେ ମଧ୍ୟ ନ୍ୟାୟ ଦାବି ସହ ବିଦ୍ୟୁତ୍ ଗ୍ରାହକଙ୍କ ସମସ୍ୟା ନେଇ ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ । ଆର୍ତବନ୍ଧୁ ବିଶ୍ୱାଳ, ଆଶିଷ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ରବୀନ୍ଦ୍ର ନାଥ ବେରା, ପଙ୍କଜ କୁମାର ଜେନା, ସପନ କୁମାର ଦାସ, ଘନଶ୍ୟାମ ରାଉତ, ଭରତ ଚନ୍ଦ୍ର ସେଠୀ, ଅଶ୍ୱିନୀ ପଣ୍ଡା, ତ୍ରିଲୋଚନ ମାହାନ୍ତା, ରାମ ଦୁଲାଲ ରାୟ, ବୃନ୍ଦାବନ ମହାନ୍ତି ଓ କାର୍ତିକେଶ୍ୱର ପାଣ୍ଡବ ପ୍ରମୁଖ ବିଭିନ୍ନ ବିଦ୍ୟୁତ୍ ଡିଭିଜନର ଶ୍ରମିକ ନେତା ଏହି ସଭାରେ ବକ୍ତବ୍ୟ ରଖି 'ଟିପିଏନଓଡିଏଲ'ର ଶ୍ରମିକ ଶୋଷଣ ନୀତିକୁ କଡା ସମାଲୋଚନା କରିଥିଲେ । ବିଦ୍ୟୁତ୍ ଶ୍ରମିକ ଓ ଗ୍ରାହକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପ୍ରସ୍ତାବ ଏହି ସାଧାରଣ ସଭାରେ ଗୃହୀତ ହୋଇଥିଲା । ପରେ ୟୁନିଅନ୍ ର ନୂତନ କର୍ମକର୍ତା ନିର୍ବାଚନ କରାଯାଇଥିଲା । ଜଗଦୀଶ ଚନ୍ଦ୍ର ବେହେରା ମୁଖ୍ୟ ଉପଦେଷ୍ଟା, ଗୌରାଙ୍ଗ ପାଣିଗ୍ରାହୀ ଓ ବୃନ୍ଦାବନ ମହାନ୍ତି ଉପଦେଷ୍ଟା ଏବଂ ମନୋଜ କୁମାର ନାୟକଙ୍କୁ ଆଇନ ପରାମର୍ଶଦାତା ଭାବେ ମନୋନୀତ କରାଯାଇଥିଲା । ସେହିଭଳି ଆର୍ତବନ୍ଧୁ ବିଶ୍ୱାଳ କାର୍ଯକାରୀ ସଭାପତି,ଅକ୍ଷୟ କୁମାର ଜେନା, ଆଶିଷ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ ଓ କାର୍ତିକେଶ୍ୱର ପାଣ୍ଡବ ଉପସଭାପତି, ରବୀନ୍ଦ୍ର ବେରା ସାଧାରଣ ସମ୍ପାଦକ ପଙ୍କଜ କୁମାର ଜେନା ଉପସାଧାରଣ ସଂପାଦକ, ସପନ କୁମାର ଦାସ, ଘନଶ୍ୟାମ ରାଉତ,ଭରତ ଚନ୍ଦ୍ର ସେଠୀ, ମଳୟ ସ ଓ ଅଶ୍ୱିନୀ କୁମାର ପଣ୍ଡା ସହ ସାଧାରଣ ସଂପାଦକ ସୁଶାନ୍ତ ଖୁଂଟିଆ, କୋଷାଧ୍ୟକ୍ଷ ଭାବେ ସର୍ବସମ୍ମତ କ୍ରମେ ନିର୍ବାଚିତ କରାଯାଇଥିଲା । ତେବେ ପରବର୍ତି ସମୟରେ ନୂତନ କର୍ମକର୍ତାଙ୍କ ପ୍ରଥମ ବୈଠକରେ ସଂଘର ସଭାପତି ମନୋନୟନ କରାଯିବାକୁ ନିଷ୍ପତି ହୋଇଛି । ବିଜନ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ଆଇନ ମହାବିଦ୍ୟାଳୟରେ ଶୋକସଭା

ବାଲେଶ୍ୱର,(ନିପ୍ର); ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରବୀଣ ଆଇନଜୀବୀ ତଥା ବିଶିଷ୍ଟ ସମାଜସେବୀ ଦିବଂଗତ ପ୍ରଶାନ୍ତ କୁମାର ଚାନ୍ଦଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଛି । ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ସର୍ବେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଅଧ୍ୟାପକ ସମ୍ରାଟ କେଶରୀ ଉଦୟସିଂ, ବିଶ୍ୱଭାନୁ ପଟ୍ଟନାୟକ,ସନ୍ତୁ ବେରା, ଅଧ୍ୟାପିକା ସ୍ୱାଗତିକା ତ୍ରିପାଠୀ, ଲିସା ଦାସ, ବିସ୍ମିତା ପଣ୍ଡା ଓ ଲାଇବ୍ରେରୀୟାନ ସରସ୍ୱତୀ ସାହୁ, ମୁଖ୍ୟ କିରାଣୀ ସମରେନ୍ଦ୍ର ରାଉତ,ବରିଷ୍ଠ ସହାୟିକା ନମିତା ସେନାପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଚାନ୍ଦଙ୍କ ବହୁବିଧ ପ୍ରତିଭା ଓ ବାଲେଶ୍ୱର ଆଇନ୍ ମହାବିଦ୍ୟାଳୟ ପ୍ରତିଷ୍ଠା ତଥା ଉନ୍ନତିରେ ତାଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ଉକ୍ତ ସଭାରେ ଆଇନ ମହାବିଦ୍ୟାଳୟର ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱରତା ଗତ ଶନିବାର ପୂର୍ବାହ୍ନ ସାତ ଘଟିକା ରେ ବାଲେଶ୍ୱର ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣ ରେ ୮୦ତମ ସ୍ୱାଧୀନତା ଦିବସ ମହା ସମାରୋହ ରେ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଜାତୀୟ ପତାକା ଉତୋଳନ କରି ଥିଲେ । ଏହି ଅବସର ରେ ଜାତୀୟ ପତାକା ଉତୋଳନ ପୂର୍ବରୁ ଓ ପରେ ବନ୍ଦେ ମାତରମ ଓ ଜାତୀୟ ପତାକା ଉତୋଳନ ସରିବା ପରେ ଜାତୀୟ ସଂଗୀତ ଜନଗଣ ମନ ଅଧି ନାୟକ ଜୟ ହେ ଗାନ କରାଯାଇଥିଲା । ପୁନର୍ବାର ବନ୍ଦେ ମାତରମ ସଂଗୀତ ଗାନ କରାଯାଇଥିଲା । ଏହି ଅବସର ରେ ଦୁଇ ଜଣ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ସମସ୍ତ ବିଭାଗ ର କର୍ମଚାରୀ ଓ ଜିଲ୍ଲା ରିଜର୍ଭ ପୋଲିସ ର ସଶସ୍ତ୍ର ବାହିନୀ ଉପସ୍ଥିତ ରହି ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ ।











# ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଆୟୋଜନ




ଫରିଦାବାଦ: ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାର ପକ୍ଷରୁ ନିକଟରେ ଫରିଦାବାଦ ଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଅଗ୍ରଣୀ ଦାତବ୍ୟ ସଂଗଠନ ଆଇ କାନ କେୟାରଏବଂ ଫରିଦାବାଦ ସ୍ଥିତ ଜଗନ୍ନାଥ ମନ୍ଦିରର ସହଯୋଗରେ ଫରିଦାବାଦ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ଶିବିରରେ ଶତାଧିକ ଓଡ଼ିଆ ଓ ଅଣ ଓଡ଼ିଆ ଜନସାଧାରଣଙ୍କର ସ୍ୱାସ୍ଥ୍ୟର ପୁଙ୍ଖାନୁପୁଙ୍ଖ ପରୀକ୍ଷା ନିରୀକ୍ଷା କରାଯାଇଥିଲା । ଶିବିରର ଅଂଶଗ୍ରହଣକାରୀ ମାନଙ୍କୁ ତମାଖୁ ସେବନର କୁପ୍ରଭାବ, ବିଶେଷକରି ମୁଖ କର୍କଟ ର ଭୟାବହତା ସମ୍ପର୍କରେ ଏହି ଅବସରରେ ସଚେତନ କରାଯାଇଥିଲା । ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ, ଫରିଦାବାଦ ଜଗନ୍ନାଥ ମନ୍ଦିରର ସଭାପତି ନିତ୍ୟାନନ୍ଦ ରାଉତ ଏବଂ ଆଇ କାନ କେୟାରର ନିର୍ଦ୍ଦେଶକ ତଥା ପ୍ରସିଦ୍ଧ କର୍କଟ ରୋଗ ବିଶେଷଜ୍ଞଙ୍କ ଡ଼ଃ ପବନ ଗୁପ୍ତାଙ୍କ ଦ୍ୱାରା ଶିବିରର ଉଦ୍‌ଘାଟନ କରାଯାଇଥିଲା । ଡ଼ଃ ପବନ ଗୁପ୍ତାଙ୍କ ନେତୃତ୍ୱରେ ଆଇ କାନ କେୟାରର ଛଜଣିଆ ଡାକ୍ତରୀ ଦଳ ଶିବିର ପରିଚାଳନା କରିଥିଲେ । ଏହି ଦିନିକିଆ ସ୍ୱାସ୍ଥ୍ୟ ଶିବିରରେ ମୋଟ ୮୦ ଜଣଙ୍କର ମୁଖ ଯାଂଚ କରାଯାଇଥିଲା । ସେଥିମଧ୍ୟରୁ ୧୪ ଜଣଙ୍କ ମଧ୍ୟରେ ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ଚିହ୍ନଟ ହୋଇଥିଲା । ଡ଼ଃ ପବନ ଗୁପ୍ତା ସେମାନଙ୍କୁ ଆବଶ୍ୟକ ପରାମର୍ଶ ଦେବା ସହ ତମାଖୁ ସେବନରୁ ଦୂରେଇ ରହିବା ଏବଂ ତମାଖୁ ଛାଡ଼ିବାର ବିଭିନ୍ନ ଉପାୟ ସମ୍ପର୍କରେ ଅବଗତ କରାଇଥିଲେ । ଏହା ସହିତ ବହୁ ସଂଖ୍ୟକ ଅଂଶଗ୍ରହଣକାରୀଙ୍କର ରକ୍ତଚାପ ଓ ଡାଇବେଟିସ୍ ପରୀକ୍ଷା କରାଯାଇଥିଲା । ଆବଶ୍ୟକତା ଅନୁଯାୟୀ ଔଷଧ ମଧ୍ୟ ନିଃଶୁଳ୍କରେ ପ୍ରଦାନ କରାଯାଇଥିଲା । ସମାବେଶକୁ ସମ୍ବୋଧନ କରି ମୁଖ୍ୟ ଅତିଥି ବରିଷ୍ଠ ପ୍ରଶାସକ ସଞ୍ଜୀବ ପାଟଯୋଶୀ ଯୁବପିଢୀଙ୍କୁ ତମାଖୁ ସେବନରୁ ଦୂରେଇ ରଖିବା ପାଇଁ ସମାଜର ସମସ୍ତ ବର୍ଗଙ୍କ ମିଳିତ ପ୍ରୟାସ ଉପରେ ଜୋର ଦେଇଥିଲେ । ସମ୍ମାନିତ ଅତିଥି ଉଦୟ ଇଣ୍ଡିଆ ଗ୍ରୁପର ମୁଖ୍ୟ ସମ୍ପାଦକ ଦୀପକ କୁମାର ରଥ ଏଭଳି ଜନକଲ୍ୟାଣକାରୀ ଓ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟ ଆୟୋଜକ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ ଆଗାମୀ ଦିନରେ ଦିଲ୍ଲୀର ବିଭିନ୍ନ ଅଂଚଳରେ ଏହିଭଳି ସ୍ୱାସ୍ଥ୍ୟ ଶିବିର ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଘୋଷଣା କରିଥିଲେ । କାର୍ଯ୍ୟକ୍ରମର ପରିଚାଳନା ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ବରିଷ୍ଠ ସଦସ୍ୟ ଆଇନଜୀବୀ ଅମୀୟ ରଞ୍ଜନ ନାୟକ କରିଥିଲେ । ଫରିଦାବାଦ ଜଗନ୍ନାଥ ମନ୍ଦିରର ସାଧାରଣ ସମ୍ପାଦକ ଅନିଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରକୁ ସକ୍ଷମତାର ସହିତ ଆୟୋଜନ ଓ ସଫଳତାର ସହିତ ସମାପନ କରିବାରେ ରାଷ୍ଟ୍ରୀୟ ପ୍ରବାସୀ ଓଡ଼ିଆ ପରିବାରର ସଭାପତି ମୀନକେତନ ସାମଲ, ଉପସଭାପତି ନିତ୍ୟାନନ୍ଦ ରାଉତ ଓ ସରିତା ମହାପାତ୍ର, ସାଧାରଣ ସମ୍ପାଦକ ଅନିଲ ଜେନା, ଯୁଗ୍ମ ସମ୍ପାଦକ ଗୁରୁଚରଣ ପୋହି ଓ ସୁଭ୍ରାଂଶୁ ବେହେରା, କୋଷାଧ୍ୟକ୍ଷ ସନ୍ଦୀପ ମହାପାତ୍ର, ସହ କୋଷାଧ୍ୟକ୍ଷ ମନୋଜ ସାହୁଙ୍କ ସମେତ ପୂର୍ବତନ କାର୍ଯ୍ୟକାରିଣୀ ସଦସ୍ୟ, ସାଧାରଣ ସଦସ୍ୟ ବୃନ୍ଦ ତଥା ଫରିଦାବାଦ ଜଗନ୍ନାଥ ମନ୍ଦିରର ଉପସଭାପତି ସୁବାସ ନାୟକ ପ୍ରମୁଖ ଉଲ୍ଲେଖଯୋଗ୍ୟ ଭୂମିକା ନିର୍ବାହ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ମନ୍ଦିର ପକ୍ଷରୁ ଅତିଥି ଓ ଅଂଶଗ୍ରହଣକାରୀ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ପିଉସୀଙ୍କ ଅନ୍ତିମ ସତ୍କାର ପାଇଁ ସ୍ୱର୍ଗଦ୍ୱାରକୁ ଯିବା ବାଟରେ ଶବ ହୋଇଗଲେ ପୁତୁରା

ସୋର(ନିପ୍ର): ପୀଉସୀଙ୍କ ଅନ୍ତମ ସତ୍କାର ପାାଇଁ ସ୍ୱର୍ଗଦ୍ୱାର ନେବା ବାଟରେ ସ୍ୱର୍ଗ ରଥ ଓଲଟି ଶବ ହୋଇଗଲେ ପୁତୁରା । ଏମିତି ଏକ ଅଘଟଣ ଘଟିଛି ସୋର ଅଂଚଳରେ । ସୂଚନା ଅନୁସାରେ ସୋର ବ୍ଲକ ଶରଶଙ୍ଖ ଗ୍ରାମର ସ୍ୱର୍ଗତ ବୈରାଗୀ ଚରଣ ବେହେରାଙ୍କ ସ୍ତ୍ରୀ ପ୍ରୀତିଲତା ବେହେରାଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସୋମବାର ରାତିରେ ମୃତ୍ୟୁ ବରଣ କରିଥିଲେ । ମଙ୍ଗବାର ସଂନ୍ଧ୍ୟାରେ ଅନ୍ତିମ ସତ୍କାର ପାଇଁ ପରିବାର ଲୋକେ ପ୍ରୀତିଲତାଙ୍କ ଶବକୁ ସ୍ୱର୍ଗରଥରେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଯାଉଥିବା ବେଳେ ଭଦ୍ରକ ଭଣ୍ଡାରୀପୋଖରୀ ନିକଟସ୍ଥ ଏଚପି ପେଟ୍ରୋଲ ପମ୍ପ ଠାରେ ଭାରସାମ୍ୟ ହରାଇବା ଫଳରେ ସ୍ୱର୍ଗରଥଟି ନୟନଜୋରୀକୁ ଖସି ଏକ ବିଦ୍ୟୁତ ଖୁଂଟକୁ ଧକ୍କା ଦେଇଥିଲା । ଫଳରେ ସେଥିରେ ଥିବା ପ୍ରୀତିଲତାଙ୍କ ପୁତୁରା ନିଶ୍ଚିନ୍ତପୁର ପଂଚାୟତ ଦଲସିଂପାଟଣା ଗ୍ରାମର ଲକ୍ଷ୍ମୀଧର ସାହୁ (୬୪) ଗାଡ଼ି ତଳେ ଚାପି ହୋଇ ମୃତ୍ୟୁ ବରଣ କରିଥିଲେ । ଅନ୍ୟ ସମ୍ପର୍କୀୟ ମାନଙ୍କ ମଧ୍ୟରୁ ଜଣେ ଗୁରୁତର ଆହତ ହୋଇ କଟକ ବଡ଼ ମେଡିକାଲ ଭର୍ତି ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି ।

# ସବୁଆଡ଼େ ଜଳମୟ, ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ



ଧାମନଗର(ନିପ୍ର): ଧାମନଗର ବ୍ଲକରେ ପଂଚମ ବନ୍ୟାରେ ଧାମନଗର ବ୍ଲକ ପୁରା ବେହାଲ୍ ହୋଇ ପଡ଼ିଛି ବ୍ଲକ ର ୨୨ ପଂଚାୟତ ଏବେ ଜଳମଗ୍ନ ହୋଇ ଯାଇଛି, ଧାନଚାଷ ଓ ପରିବା ଚାଷ ପୁରା ଉଜୁଡ଼ି ଯାଇଛି , ଲଗାତାର ଲଘୁଚାପ ବର୍ଷା ତାପରେ ଲଗାଣ ବନ୍ୟା ରେ ନାହିଁ ନଥିବା ନଷ୍ଟ ହୋଇଛି । ତେବେ ଏହି ବନ୍ୟାର ବିପନ୍ନ ଙ୍କ ନିକଟରେ ବିଜେଡି ଟିମୀ ଧାମନଗର ବନ୍ୟାଂଚଳ ପହଂଚି ବନ୍ୟା ସ୍ଥିତି ଅନୁଧ୍ୟାନ କରିଛି ଏକ ପ୍ରତିନିଧି ଦଳ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ ସାହୁଙ୍କ ନେତୃତ୍ୱରେ ଧାମନଗର ବ୍ଲକ ର ବିଭିନ୍ନ ପଂଚାୟତ ଯାଇ ବିପନ୍ନ ଙ୍କୁ ଭେଟିଛନ୍ତି । ଡ. ସାହୁ ନଦୀ ବନ୍ଧରେ ଆଶ୍ରୟ ନେଇଥିବା ବନ୍ୟା ବିପନ୍ନ ଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟା ଯୋଗୁଁ ଚାଷଜମି ଜଳମଗ୍ନ ହେବା ସହ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିବା ନେଇ ବିପନ୍ନମାନେ ପ୍ରତିନିଧି ଦଳକୁ ଜଣାଇଥିଲେ । ଡ. ସାହୁ କହିଥିଲେ ଯେ, ବନ୍ୟାରେ ଲୋକେ ଦୁର୍ଦ୍ଦଶା ଭୋଗୁଥିବା ବେଳେ କେବଳ ପରିଦର୍ଶନ ନୁହେଁ, ସେମାନଙ୍କ ନିକଟରେ ତୁରନ୍ତ ସହାୟତା ପହଂଚିବା ଆବଶ୍ୟକ । ସରକାରଙ୍କ 'ବନ୍ୟା ଟୁରିଜିମ୍' ବନ୍ଦ କରି ଚାଷୀଙ୍କୁ ତୁରନ୍ତ ସହାୟତା ଦେବା ସହ କୃଷି ଋଣ ଛାଡ଼ କରିବାକୁ ସେ ଦାବି କରିଥିଲେ । ଏଥିସହ ବନ୍ୟାରେ ହୋଇଥିବା ଫସଲ କ୍ଷୟକ୍ଷତିର ତୁରନ୍ତ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଦେବାକୁ ସେ ଦାବି କରିଥିଲେ । ଏହି ପ୍ରତିନିଧି ଦଳରେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଧାମନଗର ବ୍ଲକ ଅଧକ୍ଷା ଶର୍ମିଷ୍ଠା ବେହେରା, ଏନଏସି ଅଧକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧକ୍ଷା ଚୁନିବାଳା ବିଶ୍ୱାଳ, ନିର୍ବାଚନ ମଣ୍ଡଳୀ ସ୍ତରୀୟ ନେତା ଡା. ସଞ୍ଜୟ ଦାସ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ବିଜୁ ଜନତା ଦଳର ବ୍ଲକ ସଭାପତି ପ୍ରତାପ ସାମଲ , ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ ଓ ପ୍ରଦୀପ ମଲ୍ଲିକ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ବିଦ୍ୟୁତଲତା ନାୟକ, ଭଦ୍ରକ ବ୍ଲକ ଉପାଧକ୍ଷ ମୁକୁନ୍ଦଦେବ ସାମଲ, ଧାମନଗର ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ଉପସ୍ଥିତ ଥିଲେ ।

# ୟୁଟ୍ୟୁବର ସେବା ପରିବାର ପକ୍ଷରୁ ବୃକ୍ଷରୋପଣ

ସୋର(ନିପ୍ର): ସୋର ୟୁଟ୍ୟୁବର ସେବା ପରିବାର ଓ ସୋର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କେଶରୀପୁର ଡାକ୍ତରଖାନା ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପରିସରରେ କଦମ୍ବ, ପିଜୁଳି, ଆମ୍ବ, ଜାମୁ, ରାଧାଚୂଡା, ମେହେଗାନୀ ଓ ଧାତ୍ରିଅଁଳା ଆଦି ୩୦ଟି ଚାରା ରୋପଣ କରା ଯାଇଥିଲା । ସଙ୍ଗଠନର ସଭାପତି ଗୌରୀଶଙ୍କର ସିଂ, ସମ୍ପାଦକ ସଞ୍ଜୟ କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଦାସ, ପଥରଶିଙ୍ଗୀ ଗୋଲକ ପାତ୍ର, ବିଶିଷ୍ଟ ସମାଜସେବୀ ନରେନ୍ଦ୍ର ସାମଲ, ମହେନ୍ଦ୍ର ସାହୁ, ରବୀନ୍ଦ୍ର ନାୟକ, ସମିତି ସଭ୍ୟ ମୁକେଶ ମଲିକ, ସରପଂଚ ନରେନ୍ଦ୍ର ବିଶ୍ୱାଳ, ହେମନ୍ତ ବାରିକ ପ୍ରମୁଖ ଏହି ବୃକ୍ଷ ରୋପାଣରେ ସହଯୋଗ କରିଥିଲେ । ବୃକ୍ଷ ରୋପଣ କରିଥିଲେ ।

## ପୋଖରୀରେ ବୁଡ଼ିଗଲେ ବୃଦ୍ଧ

ସୋର(ନିପ୍ର): ବାହାନଗାଁ ବ୍ଲକ ଖରାସାହାପୁର ଗ୍ରାମର ଜଣେ ଯୁବକ ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ସୂଚନା ଅନୁସାରେ ଏହି ଗ୍ରାମର ରତ୍ନାକର ମହାଳିକ(୮୫)ଆଜି ସକାଳେ ଶୌଚ ହେବାକୁ ଘର ନିକଟରେ ଥିବା ପୋଖରୀକୁ ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ପୋଖରୀରୁ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୁଲିସ ଡାକ୍ତରଖାନାରେ ପହଁଚି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି ।

## ଦ.ପୂ. ରେଳପଥ - ନିଲାମ

ଇ-ଟେଣ୍ଡର ନୋଟିସ୍ ନମ୍ବର: ଡିସିଇ-କୋନ-II କେଜିପି-୧୨-୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ, ଖଡ଼ଗପୁରର ଉପ-ମୁଖ୍ୟ ଯନ୍ତ୍ରୀ (କନ୍-ଓଓ) ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର www.ireps.gov.in ୱେବସାଇଟ୍ ଅପଲୋଡ୍ କରାଯାଇଛି । ଟେଣ୍ଡର ଧାର୍ଯ୍ୟ ତାରିଖରେ ଦିନ ୧୨.୦୦ ଟାରେ ବନ୍ଦ ହେବ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଖଡ଼ଗପୁରର ଉପ-ସିଇଓ/କନ୍-II/କେଜିପି, ଦକ୍ଷିଣ ପୂର୍ବ ରେଳପଥର କ୍ଷେତ୍ରାଧିକାର ଅଧୀନରେ ବାରିପଦା, ଚକୁଲିଆ, ବାଙ୍ଗିରିପୋଷି କ୍ୟାମ୍ପ ଅଫିସ, ଏଏକ୍ସଇଏନ୍/ସି/ବିପିଓ ଅଫିସ୍ ପାଇଁ 'ଆତିଥ୍ୟ ଏବଂ ପରିଚାଳନା ସେବା' ପାଇଁ ଟେଣ୍ଡର ସୂଚୀ । ମୂଲ୍ୟ ଟ.୧,୧୦,୫୪,୪୪୨.୮୦ । ଅମାନତ ଜମା: ୨,୦୫,୩୦୦ ଶେଷ ତାରିଖ: ୨୧.୦୯.୨୦୨୬ । ସମାପ୍ତି ଅବଧି: ୨୪(ଚବିଶ)ମାସ । ଆଗ୍ରହୀ ଟେଣ୍ଡରଦାତା ମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ସେମାନଙ୍କର ବିଡ୍ ଅନଲାଇନରେ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି ଜିନିଷଗୁଡ଼ିକ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.**: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡ୍‌ଦାତାମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ । (PR-636)

# ରୋଟାରୀ କ୍ଲବ୍ ଅଫ୍ କଟକ ଗୋଲଡେନ୍ ଷ୍ଟାରର ସ୍ଥାପନା ଉତ୍ସବ ଅନୁଷ୍ଠିତ




କଟକ(ନିପ୍ର): ରୋଟାରୀ କ୍ଲବ୍ ଅଫ୍ କଟକ ଗୋଲଡ୍ରେନ୍ ଷ୍ଟାରର ୨୦୨୬–୨୭ ବର୍ଷ ପାଇଁ ସ୍ଥାପନା ଉତ୍ସବ କଟକ ସ୍ଥିତ ୟୁନିୟନ୍ କ୍ଲବ୍ ଠାରେ ଆନନ୍ଦ ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ୍ ଇଂ. ଅନିଲ କୁମାର ସାମଲ ରିଟାର୍ଡ ଆଇ ଏ ଏସ ମୁଖ୍ୟ ଅତିଥି ଏବଂ କର୍ଣ୍ଣେଲ୍ ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ରୋଟାରିଆନ୍ ବିପ୍ର ଚରଣ ସାହୁ ସଭାପତି, ରୋଟାରିଆନ୍ ବିରଜା ପ୍ରସାଦ ସ୍ୱାଇଁ ସମ୍ପାଦକ ଏବଂ ରୋଟାରିଆନ୍ ଡା. ରୀତା ଦାସ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏଥିସହ ନୂତନ ପରିଚାଳନା ମଣ୍ଡଳୀର ଅନ୍ୟ ସଦସ୍ୟମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ । ଆସିସ୍ଟାଂଟ ଗର୍ଭଣ୍ଣର ରୋଟାରିଆନ ବିପିନ ପଣ୍ଡା ଦେଇଥିବା ଦୁଇଟି ସିଲେଇ ମେସିନ୍, ତିନୋଟି ପ୍ରାଥମିକ ଚିକିତ୍ସା କିଟ୍ ଏବଂ ଦଶଟି ମଶାରୀ ଆବଶ୍ୟକ ଥିବା ବ୍ୟକ୍ତି ମାନଙ୍କୁ ବଂଟନ କରାଯାଇ ଥିଲା । ନବନିର୍ବାଚିତ ସଭାପତି ରୋଟାରିଆନ୍ ବିପ୍ର ଚରଣ ସାହୁ ନିଜ ଅଭିଭାଷଣରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସମାଜସେବା କ୍ଷେତ୍ରରେ ବର୍ଷସାରା ବିଭିନ୍ନ ଜନହିତକର କାର୍ଯ୍ୟ କରିବା କ୍ଲବ୍‌ର ସଂକଳ୍ପ ବୋଲି ପ୍ରକାଶ କରିଥିଲେ । ଉତ୍ସବରେ ବିଭିନ୍ନ ରୋଟାରୀ କ୍ଲବ୍‌ର କର୍ମକର୍ତା, ସଦସ୍ୟ, ଅତିଥି ଓ ଶୁଭେଚ୍ଛୁମାନେ ଯୋଗଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ରୋଟାରିଆନ୍ ଡା. ରୀତା ଦାସ ସମସ୍ତ ଅତିଥି, ସଦସ୍ୟ ଓ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଦେ ମାତରମର ଅପମାନ ବିରୁଦ୍ଧରେ ବିକ୍ଷୋଭ



ବୈଶିଙ୍ଗା(ନିପ୍ର): କଂଗ୍ରେସ ଦଳ ସ୍ୱାଧୀନତା ଦିବସ ପାଳନ ଅବସରରେ ବନ୍ଦେ ମାତରମ ସଙ୍ଗୀତର ଅପମାନ କରିଥିବା ବିଜେପି ଦଳ ଅଭିଯୋଗ କରିଛି । ତେଣୁ ଭାରତୀୟ ଜନତା ଯୁବମୋର୍ଚ୍ଚା ବେତନଟୀ ମଣ୍ଡଳ ତରଫରୁ କଂଗ୍ରେସ ବିରୁଦ୍ଧରେ ବେତନଟୀ ବଜାରରେ ଏକ ବିକ୍ଷୋଭ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସେମାନେ କଂଗ୍ରେସ ବିରୁଦ୍ଧରେ ବିଭିନ୍ନ ନାରାବାଜି ଦେଇଥିଲେ । ଚଣ୍ଡୀଛକ ଠାରେ କଂଗ୍ରେସର ମଲ୍ଲିକାର୍ଜୁନ ଖଡଗେ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୁଦ୍ଧରେ ନାରାବାଜି ଦେବା ସହିତ ସେମାନଙ୍କର କୁଶପୁତଳିକା ଦାହ କରିଥିଲେ । ବିଜେପି ଯୁବମୋର୍ଚ୍ଚା ବେତନଟୀ ମଣ୍ଡଳ ସଭାପତି ରାକେଶ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରାରେ ମୁଖ୍ୟ ଅତିଥି ଭାବରେ ବଡସାହି ବିଧାୟକ ସନାତନ ବିଜୁଳି, ସମ୍ମାନିତ ଅତିଥି ଭାବରେ ବିଜେପି ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ଯୋଗଦାନ କରି କଂଗ୍ରେସର ବନ୍ଦେ ମାତରମ ସଙ୍ଗୀତକୁ ଅପମାନର ଦୃଢ ନିନ୍ଦା କରିଥିଲେ । ଏଥିରେ ଶହ ଶହ ପୁରୁଷ ଓ ମହିଳା ଏବଂ ଯୁବବର୍ଗ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

**GOVERNMENT OF ODISHA** No. 26001/40/2627
**ST & SC Development Department**

**OFFICE OF THE PROJECT ADMINISTRATOR, ITDA, NILGIRI**
**e-Procurement Notice**
**e-procurement Notice Bid Identification No. ITDANGR-03/2026-27**

**Notice No. 529 ITDA, Date.- 18.08.2026**

The project Administrator, ITDA, Nilgiri on behalf of Governor of odisha invites Percentage Rate bids in online mode for construction of the work detailed below:

1. Nature of the work: **Const. of 3rd floor of new Academic Building of SCSTRTI, Bhubaneswar.**
2. Total No. of work:1 (One) no. (Approximately)
3. Estimated Cost: **Rs. 3,87,53,200/-** (Approximately)
4. Class of Contractor: Only "A" Class.
5. Period of Completion: Eleven Calender Months
6. Availability of Bids: **From 10.00 A.M of 20.08.2026 to 07.09.2026 up to 5.00 P.M.**
7. Date of opening & scrutiny to technical bid: 11.00 A.M on 08.07.2026

The bidders have to participate in ONLINE bidding only. The details will be available in the website www.tendersorissa.gov.in from 10.00 A.M of 20.08.2026 to 07.09.2026 up to 5.00 P.M.

Sd/-
Project Administrator
ITDA, Nilagiri

OIPR. 26001/26055/1/26-27/0002

**NOTICE INVITING TENDER** No. 7001/105/2627
**Office of the Chief CSO-cum-District Manager,**
**Odisha State Civil Supplies Corporation Ltd.**
**District : Mayurbhanj**

TENDER No.2146 to 2152 Dt. 14.08.2026(for Transportation of CMR) &
TENDER No.2153 to 2165 Dt. 14.08.2026(for Transportation of Paddy)

Cost of Tender Document:- Rs.1000/- Inclusive of GST for each Cluster(Two Blocks as one Cluster for Paddy): (Cluster Blocks: Baripada & Samakhunta, Badasahi & Betnoti, Rasgobindpur & Moroda, Suliapada & Kuliana, Bangriposi & Sarashkana, Kaptipada & Udala, Khunta & GB Nagar, Bisoi & Bijatala, Rairangpur & Jamda, Bahalda & Tiring, Karanjia & Thakurmunda, Jashipur & Kusumi, Sukruli & Raruan) and One RRC-cum-DSC as one Cluster for CMR :Cluster RRC-cum-DSC(FCI Baripada, OSWC Baripada, PEG Betnoti, PEG Udala, OSWC Rairangpur, FCI Badampahad and OSWC Karanjia)


Online tenders are invited from eligible bidders for selection and appointment of transport contractors for transportation of (i)Paddy from Paddy Purchase Centres (PPC) to Rice mills points(within district or outside district) (ii) CMR from Rice Mills to RRC-cum-DSC in Mayurbhanj district.

| | | |
|---|---|---|
| 1 | Availability of tender documents | From Date 20.08.2026. Downloadable from website: www.oscsc.in, www.foododisha.in & www.tendersodisha.gov.in |
| 2 | Date, time and venue for pre-bid conference | On dt. 24.08.2026 at 11.00 AM O/o Chief CSO-cum-District Manager, OSCSC Ltd, Mayurbhanj. |
| 3 | Last date and time for online submission of completed Tender Documents with enclosures | Through e-Procurement Portal:- www.tendersodisha.gov.in up to 08.09.2026 till 5.30 PM |
| 4 | Date, time and venue for opening of Technical Bid by the Tender Committee | On dt. 09.09.2026 at 11.00 AM in Office of the Additional District Magistrate (Rev.),Mayurbhanj |
| 5 | Date, time and venue of submission of original documents in support of scanned copies uploaded in the portal for verification. | On dt. 10.09.2026 at 11.00 AM, Office of the Additional District Magistrate(Rev.), Mayurbhanj |
| 6 | Date & time of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation |

N.B.:1. If the office happens to be closed on the date of opening of tenders, tenders will be opened on the next working day in the same time.

Sd/-
Cheif CSO-Cum-District Manager,
OSCSC Ltd., Mayurbhanj


OIPR. 7001/7046/1/26-27/0003





ବ୍ୟତିବ୍ୟସ୍ତ ହେଲେ ସଫଳତା ମିଳେ ନାହିଁ । ବରଂ ନିଜ କାମକୁ ଯଥା ଭାବେ ସଂପାଦନ କରି ଫଳ ମିଳିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଦରକାର ।

## ଆଜିକାଲି



ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ । ତାବାନ୍ ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ॥

(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ସବୁ ଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭ କରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଥାଏ ।

# ବିଶ୍ୱ ମଶା ଦିବସ


ସାରା ବିଶ୍ୱରେ ବିଭିନ୍ନ ପ୍ରକାରର ଦିବସ ପାଳନ ହେଉଥିବା ଆପଣ ଜାଣିଥିବେ । ବିଶ୍ୱ ଜଳ ଦିବସ, ଟାଇପ ରାଇଟର ଦିବସ, ବିଶ୍ୱ ଏଡ୍ସ ଦିବସ, ବିଶ୍ୱ ଯୁବକ ଦିବସ, ବିଶ୍ୱ ହସ୍ତୀ ଦିବସ, ବିଶ୍ୱ ବ୍ୟାଘ୍ର ଦିବସ ଭଳି ଅନେକ ଦିବସ ଅଛି । ହେଲେ ମଶାମାନଙ୍କର ମଧ୍ୟ ଦିବସ ରହିଛି କହିଲେ କେହିବି ବିଶ୍ୱାସ କରିବେନି । ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୦କୁ ବିଶ୍ୱ ମଶା ଦିବସ ରୂପରେ ପାଳନ କରାଯାଇଥାଏ । ଏହାର କାରଣ ମଧ୍ୟ ବେଶ ନିଆରା । ଏହି ଦିନଟି ସାର ରୋନାଲ୍ଡ ରସ୍ଙ୍କ ସ୍ମୃତିରେ ମଶା ଦିବସ ରୂପେ ପାଳନ କରାଯାଏ । ରୋନାଲ୍ଡ ରସ୍ ମ୍ୟାଲେରିଆ ରୋଗର କାରଣ ମାଈ ଏନୋଫିଲିସ ମଶାକୁ ଚିହ୍ନଟ କରିଥିଲେ । ଦୀର୍ଘ ଦିନର ଗବେଷଣା ଓ ଅନୁସନ୍ଧାନ ପରେ ୧୮୯୭ ମସିହା ଅଗଷ୍ଟ ୨୦ ତାରିଖରେ ତାଙ୍କୁ ଏହି ସଫଳତା ମିଳିଥିଲା । ରୋନାଲ୍ଡ ରସ୍ ୧୩ ମେ ୧୮୫୭ ଉତରାଖଣ୍ଡରେ ଅଲମୋରାରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ମିଲିଟାରୀ ମେଡ଼ିକାଲ ଅଫିସର ଥିଲେ । ୧୯୦୨ରେ ମେଡ଼ିସିନ୍ ବିଭାଗରେ ନିଜର ଅବଦାନ ପାଇଁ ସେ ନୋବେଲ ପୁରସ୍କାର ପାଇଥିଲେ । ତାଙ୍କ ସ୍ମୃତିରେ କଲିକତାର ଏସ୍ଏସ୍କେମ୍ ହସ୍ପିଟାଲରେ ଏକ ସ୍ମାରକୀ ମଧ୍ୟ ନିର୍ମାଣ କରାଯାଇଛି । ଯାହାକୁ ୧୯୨୭ ମସିହା ଜାନୁଆରୀ ୭ରେ ନିଜେ ରୋନାଲ୍ଡ ରସ୍ ଉଦ୍ଘାଟନ କରିଥିଲେ । ଆଜିର ଦିନରେ ବ୍ରିଟିଶ ଡାକ୍ତର ରୋନାଲ୍ଡୋ ରୋସସ୍ ୧୮୯୭ ମସିହାରେ ନିଜର ରିସର୍ଚ୍ଚରୁ ଜାଣି ପାରିଥିଲେ କି ମହିଳା ମଶା କାମୁଡ଼ିବା ଦ୍ୱାରା ହିଁ ମଣିଷ ରକ୍ତରେ ବିଷ ଖେଳି ଯାଇଥାଏ, ଯାହାଫଳରେ ମ୍ୟାଲେରିଆ ଭଳି ମାରାତ୍ମକ ରୋଗରେ ମଣିଷ ଶିକାର ହୋଇ ମୃତ୍ୟୁ ମୁଖରେ ପଡ଼ିଥାଏ । ତେଣୁ ଲୋକମାନେ କିପରି ସତର୍କ ହେବେ ଏବଂ ନିଜର ଜୀବନକୁ ବଂଚେଇ ପାରିବେ ସେଥିପାଇଁ ପ୍ରତିବର୍ଷ ଆଜିର ଦିନକୁ ବିଶ୍ୱ ମଶା ଦିବସ ରୂପେ ପାଳନ କରାଯାଏ । ଏହାକୁ ଲଣ୍ଡନ ସ୍କୁଲ ଅଫ୍ ହାଇଜେନିକ ଆଣ୍ଡ ଟ୍ରୋପିକାଲ ମେଡ଼ିସିନ୍ ପ୍ରତିବର୍ଷ ପାଳନ କରିଥାଏ । ମଶା କାମୁଡ଼ାରେ ପ୍ରତ୍ୟେକ ବର୍ଷ ବିଶ୍ୱରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଉଛନ୍ତି । ଥରେ ମଶା କାମୁଡ଼ିଲେ ୦.୧ ମିଲିଟରେ ରକ୍ତ ମଣିଷ ଶରୀରରୁ ଶୋଷିଥାଏ । ପୁରୁଷ ମଶା ତୁଳନାରେ ମାଈ ମଶାର ଆୟୁ ପ୍ରାୟ ଦୁଇମାସ ଅଧିକ । ଏହି ମଶା ନିଜ ଓଜନ ଠାରୁ ୩ଗୁଣ ରକ୍ତ ଶୋଷିଥାଏ । ରିସର୍ଚ୍ଚରୁ ଜଣାଯାଇଥିଲା ପୁରୁଷ ମଶା ଶରୀର ପାଇଁ କ୍ଷତିକାରକ ନୁହନ୍ତି ଏବଂ ମହିଳା ମଶାମାନେ ରକ୍ତ ଖାଇ କେତେକ ରୋଗ ପ୍ରସାର କରିଥାନ୍ତି । ଯେପରି ମ୍ୟାଲେରିଆ, ଫେଲେରିଆ, ଜଣ୍ଡିସ୍, ଡେଙ୍ଗୁ ପରି କେତେକ ଭୟାବହ ଜୀବନ ନେଲା ଭଳି ରୋଗ ହେବାର ଦେଖାଯାଇଥାଏ । ତେଣୁ ଏଥିପାଇଁ ରୋସସ୍ କହିଥିଲେ ପୃଥିବୀରେ ସବୁଠାରୁ ଭୟଙ୍କର ଜୀବ ହେଉଛି ମଶା । ମଶାର ବିଭିନ୍ନ ପ୍ରକାର ରୋଗ ହେବାରୁ ଆଫ୍ରିକା, ଦକ୍ଷିଣ ଆମେରିକା, ଆମେରିକା, ମେକ୍ସିକୋ, ଋଷିଆ ଏବଂ ଏସିଆ ଇତ୍ୟାଦିରେ ପ୍ରତିବର୍ଷ ସାତ ଲକ୍ଷରୁ ଅଧିକ ଲୋକ ନିଜର ଜୀବନ ହରାଇଥାନ୍ତି । ଏମାନଙ୍କ ଠାରୁ ନିଜକୁ ବଂଚେଇବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ସଠିକ୍ ଭାବରେ ଉପାୟ ବାହାରି ନଥିଲେ ମଧ୍ୟ କେତେକ ଉପାୟକୁ ଅବଲମ୍ବନ କରିବା ଦ୍ୱାରା କେତେକାଂଶରେ ରୋଗ ହେବାର ଆଶଙ୍କା କମିଯାଇପାରେ । ଯେପରି ଘରର ଚାରିପାଖ ସଫା ସୁତରା ରଖିବା, ଅଳିଆ ଆବର୍ଜନା ତଥା ଇଲେକ୍ଟ୍ରୋନିକ୍ସ ଜିନିଷକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ଜାଳି ଦିଅନ୍ତୁ, ଯେପରି ସେଥିରେ ପାଣି ନଜମି ପାରେ । ଘର ପାଖରେ ଯଦି କୌଣସି ଗାତ କିମ୍ବା ଖାଲ ହୋଇଥାଏ ତେବେ ତାକୁ ପୋତି ଦିଅନ୍ତୁ । ସେଥିରେ ଯେପରି ପାଣି ଜମା ନହୁଏ । ମଶା କାମୁଡ଼ିବା ଦ୍ୱାରା ଯଦି ଜ୍ୱର ହୋଇଥାଏ ତେବେ ସହଜରେ ଛାଡ଼େ ନାହିଁ ତେଣୁ ତୁରନ୍ତ ଯାଇ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



ଆଜି ବିଶ୍ୱ ମଶା ଦିବସ । ମାଈ ଆନୋଫିଲିଜ୍ ମଶା ମାଧ୍ୟମରେ ମଣିଷ ମ୍ୟାଲେରିଆ ଆକ୍ରାନ୍ତ ହେଉଥିବା, ୧୮୯୭ ଅଗଷ୍ଟ ଏହି ଦିନରେ ଆବିଷ୍କାର କରିଥିଲେ ସାର୍ ରୋନାଲ୍ଡ ରସ୍ । ମଣିଷ ପାଇଁ ବିଶ୍ୱର ସବୁଠାରୁ ବିପଜ୍ଜନକ ପ୍ରାଣୀ ହେଲା ମଶା । ସମଗ୍ର ବିଶ୍ୱ ଏମାନଙ୍କର ଚରାଭୂଇଁ । ଏସିଆ, ଆଫ୍ରିକା ଏବଂ ଉତର ଆମେରିକାର ମଶା ସବୁଠାରୁ ଭୟଙ୍କର ମୃତ୍ୟୁ ଦୂତ । ମାଈ ମଶାଙ୍କ ମାଧ୍ୟମରେ ମ୍ୟାଲେରିଆ, ନୀଳ ନଦୀର ଭୂତାଣୁ, ପୀତ ଜ୍ୱର, ଡେଙ୍ଗୁ ଏବଂ ଫାଇଲେରିଆ ଭଳି ଏକାଧିକ ବେମାରି ବ୍ୟାପିଥାଏ । ବିଶ୍ୱରେ ୩୫୦୦ ପ୍ରଜାତିର ମଶା ଦେଖିବାକୁ ମିଳନ୍ତି । ଏଥିରୁ ତିନିଟି ପ୍ରଜାତିର ମଶା ରୋଗ ବାହକ । ଏନୋଫିଲସ୍ ମଶା ଦ୍ୱାରା ମ୍ୟାଲେରିଆ, ଫାଇଲେରିଆ ଓ ନୀଳ ନଦୀର ଭୂତାଣୁ ଏବଂ ଏଡ଼ିସ୍ ମଶାଙ୍କ ଦ୍ୱାରା ପୀତ ଜ୍ୱର, ଚିକୁନ୍‌ଗୁନିଆ ଓ ଡେଙ୍ଗୁ ବ୍ୟାପୁଥିବା ଜଣାଯାଏ । ଜମା ହୋଇ ରହୁଥିବା ଅପରିଷ୍କାର ପାଣିରେ ମଶା ଡିମ୍ବ ଦେଉଥିବାରୁ ପରିବେଶକୁ ନିର୍ମଳ ରଖିବା ଉପରେ ଆମେ ଧ୍ୟାନ ଦେବା ଆବଶ୍ୟକ । ମଶାକୁ ଜନ୍ମ ହେବାକୁ ନ ଦେଲେ, ଆମେ ଅନେକ ପରିମାଣରେ ସମସ୍ୟାମୁକ୍ତ ହୋଇପାରିବ ।

# ମଶା-ମାଲେରିଆ ଓ ଯକୃତ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୦ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବଂଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ । ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ । ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ । ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ । ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ । ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି । ଲୋହିତ ରକ୍ତ କଣିକା ନଷ୍ଟ ହୁଏ । ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ । ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଂଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଂଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଂଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଂଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇ ପାରି ନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଂଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଂଚଳ ଅପେକ୍ଷା ସହରାଂଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

*ମୋ: ୯୪୩୭୦୫୧୯୫୭*

# ପଦ୍ମଭୂଷଣ ଗୋପୀନାଥ ମହାନ୍ତି

## ମହାପ୍ରୟାଣ ତିଥି ଅବସରରେ

◆ ପ୍ରଦୀପ୍ତ କିରଣ ମହାନ୍ତି

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଷୋଳ ସହସ୍ର ଗୋପନାରୀଙ୍କ ମନ ଆଉ ହୃଦୟରେ ରାଜତ୍ୱ କରି ହେଇଯାଇଥିଲେ ଗୋପୀନାଥ । କଳିଯୁଗରେ ସେମିତି ଜଣେ ଯୋଗଜନ୍ମା ଓଡିଶା ମାଟିରେ ଜନ୍ମନେଇ ଅସଂଖ୍ୟ ସାହିତ୍ୟପ୍ରେମୀ ମାନଙ୍କର ହୃଦୟ ଓ ମନକୁ ଚୋରିକରି ନେଇଥିଲେ, ସିଏ ହେଉଛନ୍ତି ଓଡ଼ିଶା ସାହିତ୍ୟ ଜଗତର ମଉଡମଣି, ବିଖ୍ୟାତ ଔପନ୍ୟାସିକ, ପଦ୍ମଭୂଷଣ ଶ୍ରୀଯୁକ୍ତ ଗୋପୀନାଥ ମହାନ୍ତି । ଆଜି ତାଙ୍କ ଶ୍ରାଦ୍ଧ ଦିବସରେ , ପ୍ରତିଥଯଶା ସାହିତ୍ୟିକ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କୁ ଭଲପାଇବା ଭାବର ସହିତ ମନେପକେଇ, ଆସନ୍ତୁ ଅର୍ପଣ କରିବା ହୃଦୟର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି । ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କୁ ଟିକିଏ ମନେପକେଇବାର ଅର୍ଥ ଓଡିଶାର ମାଟି, ପାଣି, ଆଉ ପବନର ମହକକୁ ପୁନର୍ବାର ଆଘ୍ରାଣ କରିବା, ପୁଣି ଓଡ଼ିଆ ସାହିତ୍ୟର ରିମିଝିମି ବର୍ଷାରେ ଭିଜିବା ଏବଂ ସମୟ ଯନ୍ତ୍ରରେ ବସି ପୁଣି କିଛିବର୍ଷ ପଛକୁ ଫେରିଯାଇ, ସେ ସମୟର ସ୍ୱାଦକୁ ଆସ୍ୱାଦନ କରିବା । କଟକ ଜିଲ୍ଲାର ନାଗବାଲି ଗ୍ରାମରେ, ୧୯୧୪ ମସିହା, ଏପ୍ରିଲ ମାସ ୨୦ ତାରିଖରେ, ପିତା ସୂର୍ଯ୍ୟମଣି ମହାନ୍ତି ଓ ମାତା ଶ୍ରୀମତୀ ଦୁର୍ଗାଦେବୀଙ୍କ କୋଳ ମଣ୍ଡନ କରିଥିଲେ ଗୋପୀନାଥ । ୧୯୧୮ ମସିହାରେ ବିଦ୍ୟାରମ୍ଭ କରିଥିବା ଗୋପୀନାଥ , ୧୯୨୩ ମସିହାରେ ସୋନପୁରରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିଲେ । ୧୯୩୦ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ ଉତୀର୍ଣ୍ଣ ହେଇଥିବା ଗୋପୀନାଥ ମହାନ୍ତି, ୧୯୩୫ ମସିହାରେ, ରେଭେନ୍ସା ମହାବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତର ପାଠ୍ୟକ୍ରମ ସମାପ୍ତ କରିଥିଲେ । ୧୯୩୮ ମସିହାରେ ଓଡ଼ିଶା ପ୍ରସାଶନିକ ସେବାରେ ଯୋଗ ଦେଇଥିଲେ ଗୋପୀନାଥ ମହାନ୍ତି ଏବଂ ୧୯୬୯ ମସିହାରେ ସେବା ନିବୃତ ହୋଇଥିଲେ । ତାଙ୍କର ପ୍ରତ୍ୟେକ କ୍ଷେତ୍ରରେ ପାଦକୁ ପାଦ ମିଳାଇ ଚାଲିଥିଲେ ଶ୍ରୀମତୀ ଆଦରମଣି ଦେବୀ, ଯାହାଙ୍କୁ ୧୯୪୦ ମସିହାରେ ବିବାହ କରିଥିଲେ ଗୋପୀନାଥ । ଓଡିଶା ସାହିତ୍ୟାକାଶରେ ଉଜ୍ଜ୍ୱଳ ଜ୍ୟୋତିଷ୍କ ଥିଲେ ଗୋପୀନାଥ ମହାନ୍ତି । ୧୯୫୫ ମସିହାରେ 'ଅମୃତର ସନ୍ତାନ' ପାଇଁ ପାଇଥିଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର । ଏମିତି ସମ୍ମାନରେ ସମ୍ମାନୀତ ହେବାରେ ସିଏ ଥିଲେ ପ୍ରଥମ ଓଡ଼ିଆ । ୧୯୭୦ ମସିହାରେ ମାକ୍ସିମ୍ ଗର୍କିଙ୍କ ଲେଖାର ଅନୁବାଦ ପାଇଁ ସମ୍ମାନୀତ ହେଇଥିଲା ସୋଭିଏତ୍ ଲ୍ୟାଣ୍ଡ୍ ନେହେରୁ ପୁରସ୍କାରରେ । ୧୯୭୩ ମସିହାରେ ଉପନ୍ୟାସ 'ମାଟି ମଟାଳ' ପାଇଁ ,ଦେଶର ସର୍ବଶ୍ରେଷ୍ଠ ସାହିତ୍ୟ ପୁରସ୍କାର 'ଜ୍ଞାନପୀଠ ପୁରସ୍କାର'ରେ ସମ୍ମାନୀତ ହୋଇଥିଲେ ଗୋପୀନାଥ ମହାନ୍ତି । ୧୯୭୫ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡି.ଲିଟ୍ ପ୍ରାପ୍ତ ହେଇଥିବା ଗୋପୀନାଥ ମହାନ୍ତି, ୧୯୮୧ ମସିହାରେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ ହୋଇଥିଲେ । ସାହିତ୍ୟ ଜଗତର ଏହି ମହାନାୟକ ୧୯୯୧ ମସିହା ଅଗଷ୍ଟ ମାସ ୨୦ ତାରିଖରେ ଇହଧାମ ତ୍ୟାଗ କରିଥିଲେ । ଯଦି ସଂକ୍ଷେପରେ ପଦ୍ମଭୂଷଣ ଗୋପୀନାଥ ମହାନ୍ତିଙ୍କ ସାହିତ୍ୟ କୃତି ସମ୍ବନ୍ଧରେ ଆଲୋଚନା କରିବା, ତେବେ ଏତିକି କହି ପାରିବା, ସିଏ ତାଙ୍କର ସାରସ୍ୱତ ସାଧନା ବର୍ଷ ମାନଙ୍କରେ ୨୫ ଖଣ୍ଡ ଉପନ୍ୟାସ, ୧୧ ଖଣ୍ଡ ଗଳ୍ପ ସଂକଳନ, ୬ ଖଣ୍ଡ ଜୀବନୀ ଗ୍ରନ୍ଥ/ଅନୁବାଦ ଗ୍ରନ୍ଥ, ୫ ଖଣ୍ଡ ଗବେଷଣା ଧର୍ମୀ ଗ୍ରନ୍ଥ, ୪ ଖଣ୍ଡ ନାଟକ ଏବଂ ଆତ୍ମଜୀବନୀ ସ୍ରୋତସ୍ୱତୀ ରଚନା କରି ପାଲଟି ଯାଇଥିଲେ ଭାରତୀୟ ସାହିତ୍ୟ ଜଗତରେ ଏକ ବିଶାଳ ଦ୍ରୁମ । ଗୋପୀନାଥ ମହାନ୍ତିଙ୍କ କୃତି ମଧ୍ୟରୁ ପରଜା, ଅମୃତର ସନ୍ତାନ ଏବଂ ମାଟି ମଟାଳ ଉପନ୍ୟାସକୁ କାଳଜୟୀ କୃତି ହିସାବରେ ଗଣନା କରାଯାଏ । ମାତ୍ର ଏମିତିରେ ଦେଖିବାକୁ ଗଲେ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କର ସମସ୍ତ କୃତି କାଳଜୟୀ । ଶେଷରେ କେବଳ ଏତିକି କୁହାଯାଇପାରେ, ଯେତେ ପର୍ଯ୍ୟନ୍ତ ଓଡିଆ ସାହିତ୍ୟ ବଂଚିଛି, ଓଡିଆଙ୍କ ଭାଷାର ଅସ୍ମିତା ତିଷ୍ଠି ରହିଛି, ସେ ପର୍ଯ୍ୟନ୍ତ ଗୋପୀନାଥ ମହାନ୍ତିଙ୍କର ଲେଖା, ଓଡିଆ ପାଠକ ମାନଙ୍କର ମନ ଓ ହୃଦୟକୁ ଚୋରିକରି ନେଉଥିବ, ଏଥିରେ ସନ୍ଦେହ ନାହିଁ । ଆଜିର ଦିନରେ ସାହିତ୍ୟ ଜଗତର ଏହି ମହାନାୟକ, ଗଳ୍ପତର, ପଦ୍ମଭୂଷଣ ସ୍ୱର୍ଗତ ଗୋପୀନାଥ ମହାନ୍ତିଙ୍କୁ ଶ୍ରଦ୍ଧାର ସୁମନ ଅର୍ପଣ କରୁଛନ୍ତି ଅଗଣିତ ସାହିତ୍ୟ ପ୍ରେମୀ ।

*ନାଗବାଲି, ଶଙ୍ଖତ୍ରାସ, କଟକ,ଫୋନ୍: ୯୯୩୭୩୫୦୫୩୩*



◆ ବାଦଲ ଭୂୟାଁ

ଓଡ଼ିଶାର ଜ୍ଞାନପୀଠ ପୁରସ୍କାରରେ ସମ୍ମାନିତ ତଥା ଔପନ୍ୟାସିକ ଗୋପୀନାଥ ମହାନ୍ତି ୧୯୧୪ ଏପ୍ରିଲ ୨୦ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନାରେ ଆଦିବାସୀ ଜୀବନଚର୍ଯ୍ୟା ଓ ସେମାନଙ୍କ ଉପରେ ଆଧୁନିକତାର ଅତ୍ୟାଚାର ସ୍ଥାନିତ ହୋଇଥିଲା । ଓଡ଼ିଆ ବ୍ୟତୀତ ଆହୁରି ଅନେକ ଭାଷାରେ ତାଙ୍କ ଲେଖାସବୁ ଅନୁଦିତ ହୋଇ ପ୍ରକାଶ ପାଇଛି । ଓଡ଼ିଆ ସାହିତ୍ୟରେ ସ୍ୱାଧୀନତା ପରେ ପରେ ଗୋପୀନାଥଙ୍କ ଲେଖା ଲେଖି ଆରମ୍ଭ ହୋଇ ଥିଲା । ସେ ସମୟର ସାଧାରଣ ଲୋକ, ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିଙ୍କ ଗାଉଁଲି, ସରଳ ଜୀବନଧାରଣ ଆଦି ତାଙ୍କ ରଚନାକୁ ସମୃଦ୍ଧ କରିଥିଲା । ତାଙ୍କ ଲେଖାରେ ଓଡ଼ିଆ ଚଳଣି, ସମତଳ ଓ ପାହାଡ଼ି ଜୀବନର କାହାଣୀ ତଥା ସାଧାରଣ ମଣିଷର କଥାଭାଷା ଆଦି ବ୍ୟବହାର ଦେଖିବାକୁ ମିଳେ । ସେ ଅନେକ ଉପନ୍ୟାସ, କ୍ଷୁଦ୍ରଗଳ୍ପ, ନାଟକ ଏବଂ ଆତ୍ମଜୀବନୀ ଲେଖିଛନ୍ତି । ଲିଓ ଟଲଷ୍ଟୟଙ୍କ 'ୱାର୍ ଆଣ୍ଡ ପିସ୍'କୁ ସେ ଓଡ଼ିଆରେ ଅନୁବାଦ କରିଥିଲେ । ଏହାଛଡ଼ା ଟାଗୋର୍ଙ୍କ 'ଯୋଗାଯୋଗ'କୁ ମଧ୍ୟ ସେ ଅନୁବାଦ କରିଥିଲେ । ଗୋପୀନାଥଙ୍କ ପ୍ରମୁଖ ରଚନା ମଧ୍ୟରେ ମନ ଗହୀର ଚାଷ, ପରଜା, ଦାଦିବୁଢ଼ା, ଅମୃତର ସନ୍ତାନ, ଛାଇଆଲୁଅ, ଦାନାପାଣି, ଲୟ ବିଲୟ, ହରିଜନ, ଅପହଞ୍ଚ, ପାହାନ୍ତା, ଗୁପ୍ତଗଙ୍ଗା, ବୁନ୍ଦାଏ ପାଣି ଇତ୍ୟାଦି ଅନ୍ୟତମ । ମୁକ୍ତିପଥେ, ଦିନ ଦିପହରେ ତଥା ମହାପୁରୁଷ ତାଙ୍କର ତିନୋଟି ପ୍ରମୁଖ ନାଟକ ଥିଲା । ତାଙ୍କ ଲେଖାଶୈଳୀ ଏତେ ଉଚ୍ଚକୋଟୀର ଥିଲା ଯେ ଲୋକେ ଆଜି ବି ସେସବୁକୁ ଝୁରି ହେଉଛନ୍ତି । ୧୯୯୧ ମସିହା ଆଜିର ଦିନରେ ଏହି କାଳଜୟୀ ପ୍ରତିଭାଙ୍କ ନିଧନ ହୋଇଥିଲା ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର: ୭୪୮୮୯୯୮୫୩୨*

## ଜନ୍ମଦିନ ଅବସରରେ

# ରାଜୀବ ଗାନ୍ଧୀ

◆ ଗଙ୍ଗାଧର ସାମଲ



ଶିଖ ଦଙ୍ଗାରେ ମା' ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ୧୯୮୪ ଡିସେମ୍ବର ୩୧ରେ ଦେଶର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ ରାଜୀବ ଗାନ୍ଧୀ । ଏହି ଅବଧି ମଧ୍ୟରେ ଅନେକ ବିକାଶମୂଳକ କାର୍ଯ୍ୟ ସେ କରିଥିଲେ । ଶିକ୍ଷା, ବୈଷୟିକ, ବିଜ୍ଞାନ ଆଦି ବିକାଶରେ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ । ଶାନ୍ତି ଓ ସଦ୍‌ଭାବନାକୁ ସେ ସବୁଠୁ ବେଶି ଗୁରୁତ୍ୱ ଦେଉଥିଲେ । ଜାତୀୟ ଏକତା ଓ ସଦ୍‌ଭାବନାକୁ ପ୍ରୋତ୍ସାହନ ଦେବା ତାଙ୍କର ଉଦ୍ଦେଶ୍ୟ ଥିଲା । ସେଥିପାଇଁ ରାଜୀବଙ୍କ ଜନ୍ମ ଦିବସକୁ ସଦ୍‌ଭାବନା ଦିବସ ରୂପେ ସମଗ୍ର ଭାରତରେ ପାଳନ କରାଯାଏ । ଏହି ଦିବସରେ ସାମ୍ପ୍ରଦାୟିକ ସଦ୍‌ଭାବନା, ଜାତୀୟ ସଂହତି ଓ ଶାନ୍ତି ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିଥିବା ବ୍ୟକ୍ତିଙ୍କୁ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ରେ ସମ୍ମାନିତ କରାଯାଏ । ୧୯୯୧ ମେ'୨୧ରେ ଚେନ୍ନାଇର ଶ୍ରୀପେରୁମ୍ବୁଦୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ପାଇଁ ନିର୍ବାଚନ ପ୍ରଚାର ସମୟରେ ରାଜୀବଙ୍କ ହତ୍ୟା କରାଯାଇଥିଲା । ରାଜୀବଙ୍କ ଶିକ୍ଷା ଆରମ୍ଭ ହୋଇଥିଲା ଶିବ ନିକେତନ ବିଦ୍ୟାଳୟରେ । ଚିତ୍ରାଙ୍କନ ଓ ପେଂଟିଂକୁ ସେ ଖୁବ୍ ଭଲ ପାଉଥିଲେ । କେମ୍ବ୍ରିଜ୍‌ର ଟ୍ରିନିଟି କଲେଜରେ ସେ ଇଂଜିନିୟରିଂ ଶିକ୍ଷା ଆରମ୍ଭ କରିଥିଲେ, କିନ୍ତୁ ଶେଷ କରିପାରିନଥିଲେ । ମା'ପ୍ରଧାନମନ୍ତ୍ରୀ ହେବା ପରେ ରାଜୀବ ଭାରତ ଫେରିଥିଲେ । ସେ ଦିଲ୍ଲୀ ଫ୍ଲାଇଙ୍ଗ କ୍ଲବର ସଦସ୍ୟ ହୋଇଥିଲେ । ୧୯୭୦ରେ ସେ ଏୟାର ଇଣ୍ଡିଆ ପାଇଲଟ ଦାୟିତ୍ୱ ନିର୍ବାହ କଲେ । ରାଜନୀତିରେ ଆଦୌ ରୁଚି ନଥିଲେ ବି ସାନ ଭାଇ ସଞ୍ଜୟଙ୍କ ମୃତ୍ୟୁ ପରେ ରାଜୀବ ରାଜନୀତି ମଇଦାନକୁ ଓହ୍ଲାଇ ଥିଲେ । ତାଙ୍କର ପ୍ରଥର ରାଜନୀତି ଗସ୍ତ ଥିଲା ଇଂଲଣ୍ଡକୁ । ସେଠାରେ ଯୁବରାଜ ଚାର୍ଲସ ଓ ଲେଡି ଡାଏନା ସ୍ପେନସରଙ୍କ ବିବାହ ଉତ୍ସବରେ ସେ ଯୋଗ ଦେଇଥିଲେ । ସେହି ବର୍ଷ ଭାରତୀୟ ଯୁବ କଂଗ୍ରେସର ଅଧ୍ୟକ୍ଷ ଭାବେ ସେ ନିଯୁକ୍ତ ହୋଇଥିଲେ । ୧୯୪୪ ମସିହା ଅଗଷ୍ଟ ୨୦ ତାରିଖ ଦିନ ମୁମ୍ବାଇ ଠାରେ ରାଜୀବ ଜନ୍ମ ଗ୍ରହଣ କରିଥିଲେ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,: ୯୪୩୭୨୨୬୬୪୭*


# ସ୍ୱର୍ଗତ ମୃତ୍ୟୁଞ୍ଜୟଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ

◆ ଅରବିନ୍ଦ ତ୍ରିପାଠୀ



ବହୁତ ସାଙ୍ଗ ମଣିଷ ଜୀବନରେ ଆସନ୍ତି ଓ ଯାଆନ୍ତ । କିଛି ସାଙ୍ଗ ସ୍ୱତନ୍ତ୍ର ଭାବେ ଆମ ମନ ଓ ହୃଦୟରେ ସବୁଦିନ ପାଇଁ ରହିଯାଇଥାନ୍ତି । କୌଣସି କାରଣରୁ କିଛି ଆମ ସହିତ ଅଧାବାଟରେ ଅଟକି ଯାଆନ୍ତି, ଅଫେରା ରାଇଜକୁ ହଠାତ କାହାକୁ କିଛି ନ କହି ପଳାଇଥାନ୍ତି । ଆମଠାରୁ ଦୁଃଖଦାୟକ ବିଦାୟ ନେଇଥାନ୍ତି । ଏହିପରି ଜଣେ ବାଲ୍ୟ ସହପାଠୀ, କ୍ରୀଡାବୀତ, ସଂଗଠକ, ହାସ୍ୟ ଅଭିନେତା ମୋର ଥିଲା ମୃତ୍ୟୁଞ୍ଜୟ ପରିଡ଼ା, ଡାକନାମ କାଳିଆ । ୧୯୮୭ ମସିହାରେ ଯେତେବେଳେ ବ୍ରହ୍ମେଶ୍ୱର ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଲା, ସେତେବେଳେ ଠାରୁ ତା ସହିତ ମୋର ପରିଚୟ । ବଡ଼ଗଡ଼ରୁ ସେ ଆସେ । ମୁଁ ବ୍ରହ୍ମେଶ୍ୱର ପାଟଣା ମନ୍ଦିର ପାଖରେ ଭଡା ଘରେ ପରିବାର ସହିତ ରୁହେ । ମୋ ଘର ପାଖରେ ଆମ ବିଦ୍ୟାଳୟର ସହପାଠୀ ସୁକାନ୍ତି, ରଞ୍ଜୁ, ଦେବସ୍ମିତା (ପୁଷି )ମନ୍ଦିର ପାଖ, ଦୀପା (ସବିତା) ଜିତୁଆ (ସୁଜିତ) ଆମ ଘର ପଛପଟ ଘର, ରାଜେଶ, ଆରତୀ, ନମିତା ରହୁଥିଲେ । ଆମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗୀ ସାର (ଡ଼ଃ ଯୋଗିନାଥ ସାହୁ) ଆମ ଘର ପଛପଟ ଘରେ ରହୁଥାନ୍ତି । ଜଣେ ସାରସ୍ୱତ ଶିକ୍ଷାବିତ, ସଂଗଠକ, ନିଆରା ସମାଜସେବୀ, ନାଟ୍ୟ ନିର୍ଦ୍ଦେଶକ ତଥା ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଭାବେ ସାରଙ୍କ ନାମ ବେଶ ଚର୍ଚ୍ଚିତ ଥାଏ । ଯୋଗୀ ସାରଙ୍କ ପାଖକୁ ଟ୍ୟୁସନ ହେବା ପାଇଁ ମୋ ସହିତ ରଞ୍ଜୁ, ମୃତ୍ୟୁଞ୍ଜ, ଦେବସ୍ମିତା (ପୁଷି ), ଗଜେନ୍ଦ୍ର, ଆରତୀ, ଅଞ୍ଜନା, ଜିତୁଆ, ନମିତା ଆସୁଥିଲୁ । କାଳିଆ ବରଗଡ଼ରୁ ଆସୁଥିଲା । ସେ ସମୟରେ ବିଦ୍ୟାଳୟ ପଢ଼ାକୁ ଛାଡି ଯେଉଁ ୨ ଘ□। ଆମେ ଯୋଗୀ ସାରଙ୍କ ପାଖକୁ ଯାଉଥିଲୁ ଆମ ଭିତରେ ରୀତିମତ ଗୋଟେ ଥଟ୍ଟା, ମଜା ସହିତ କିଛି ନିଆରା, ରୋଚକ ଭାବର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ହେଉଥିଲା, ଯାହାକି ଶବ୍ଦରେ କହିବା ବା ଲେଖିବା କଷ୍ଟକର । ରଞ୍ଜୁ ମୋତେ ଆଚ୍ଛର ଓ କମଳା ଓ କାଳିଆକୁ ଆମ୍ବ ପାଇଁ କହିଥିବ, ଆମେ ତା ପାଇଁ ଆଣିଥାଉ । ଟିକିଏ ଡେରିରେ ପହଂଚିଲେ ସାର କହିବେ ଏତେ ଡେରି କଣ ପାଇଁ ହେଲା ? ମୃତ୍ୟୁଞ୍ଜୟ କହିବା ଆଗରୁ ମୁଁ ସତକଥା କହିଦିଏ ସାର ରଞ୍ଜୁ କହିଥିଲା ଖଟା, ଆମ୍ବ, ପିଜୁଳି ପାଇଁ । ସାର କହିବେ ରଞ୍ଜୁ କହିବ ଯା ଅରବିନ୍ଦ କୂଅରେ ଡେଇଁପଡ଼, ତୁ କଣ କୂଅରେ ଡେଇଁପଡ଼ିବୁ ? ଏ କଥା ଶୁଣିଲା ପରେ ଅନ୍ୟ ସାଙ୍ଗମାନେ ଜୋରରେ ହସନ୍ତି । ଆମେ ତିନିଜଣ ତିନି ଜଣଙ୍କୁ ଦୋଷ ଦିଆଦେଇ ହଉ । ଏକ ପ୍ରକାର ଆମ ଭିତରେ ଅନ୍ତରଙ୍ଗ ବନ୍ଧୁତ୍ୱ ସୃଷ୍ଟି ହେଇ ଯାଇଥିଲା କହିଲେ ଭୁଲ ହେବ ନାହିଁ । କାଳିଆ ପ୍ରାୟ ତାର ଭଉଣୀ ଚଗଲିକୁ ସାଙ୍ଗରେ ନେଇ ଆସିବ । ଆମ ଘରେ ଆମେ ଖାଇବୁ, ଜେଜେ ମା ଆମର କୋଳି, ଆମ୍ବ, ତେନ୍ତୁଳି ସବୁ ଆଚ୍ଛ କରିଥିବେ । ଭାତ ଆଉ ଯାହା ହେଇଥିବ, ତା ସହିତ ଆଚ୍ଛର । ସେ କଥା ଆଜି ସ୍ମରଣ କଲା ବେଳକୁ ଅଶ୍ରୁ ଆସିଯାଉଛି । ସମୟ ସମୟରେ ଆମ ଘରେ କ୍ରିକେଟ ଖେଳ ଦେଖିବାକୁ କାଳିଆ ଆସିବ । ଜିତୁଆ ବି ଆସିବ । ଟ୍ୟୁସନ ଯିବାରେ ଡେରି ଟିକେ ହେଇଯାଇଥିବ । ସାର ଥଟ୍ଟା କରି ପଚ୍ଚରିବେ ଆଜି ଅରବିନ୍ଦ ରଞ୍ଜୁ ପାଇଁ କିଛି ଆଣିନୁକି ! ଏ କଥା ଶୁଣିଲା ପରେ ମୁଁ ମୁହଁ ତଳକୁ ପୋତି ଦେଇଥିବି । ପଢ଼ାରେ ସେମିତି ସାରଙ୍କ ଅନୁଶାସନ ସହିତ, ନିଜ ପିଲାଙ୍କ ପରି ବ୍ୟବହାର କରିବା ଆମ ସମସ୍ତଙ୍କୁ ଗୋଟେ ଅଲଗା ପ୍ରକାର ଅନୁଭୂତି ହୁଏ । ମୋର ଗଣିତ ହୁଏନି । ଇତିହାସ, ସାହିତ୍ୟ ଆଉ ସବୁ ଗୋଟେ ପ୍ରକାର ହୁଏ । ମୁଁ ରଞ୍ଜୁ ଠାରୁ ଗଣିତ ଦେଖିବି, କାଳିଆ ମୋ ଠାରୁ ରଚନା ଦେଖିବ । ଆଉ ଗୋଟେ ଦିନ । ସପ୍ତମ ଶ୍ରେଣୀରେ ଅଧ୍ୟୟନ କଲା ସମୟରେ ଆମ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହେବା ଘୋଷଣା ହେଲା । ଯେହେତୁ ଆମେ ସାରଙ୍କ ପାଖେ ଟ୍ୟୁସନ ଯାଉଥିଲୁ, ଗୋଟେ ନାଟକ ସାର ନିଜେ ଲେଖିଲେ । ସେଥିରେ ଅଭିନୟ ପାଇଁ ମୋ ସହିତ ରଞ୍ଜୁ, ମୃତ୍ୟୁଯ ରହିଲେ । ମୋର ଧର୍ମପତ୍ନୀ /ସ୍ତ୍ରୀ ଭାବେ ରଞ୍ଜୁକୁ ମନୋନୀତ କଲେ । କାଳିଆ (ମୃତ୍ୟୁଞ୍ଜୟ) ଆମର ସମୁଦି ଭାବେ ଅଭିନୟ କଲା । ଅର୍ଥାତ ମୁଁ ରଞ୍ଜୁ ହେଉଛୁ ପୁଅର ବାପା, ମା ସେ ହେଉଛି ଝିଅର ବାପା । ପ୍ରଥମେ ପ୍ରଥମେ ମୋର ଠିକ ହେଉନଥିଲା । କାଳିଆ ତାର ଠିକ କରୁଥିଲା । ତାର ହାସ୍ୟପୂର୍ଣ୍ଣ ଅଭିନୟ କିଛି ଥିଲା । ଆମେ ତିନିଜଣ ସାରଙ୍କ ଘରେ ପ୍ରାକ୍ଟିସ (ଅଭ୍ୟାସ) ରୀତିମତ କଲୁ । ୨/୩ ଥର କଲା ପରେ ସମ୍ପୂର୍ଣ୍ଣ ଭାବେ ଉକ୍ତ ଚରିତ୍ରକୁ ଆମେ ତିନି ଜଣ (ମୁଁ, ରଞ୍ଜୁ ଓ ମୃତ୍ୟୁଞ୍ଜୟ) ସଠିକ ନ୍ୟାୟ ଦେଇ ପାରିଲୁ, ଅର୍ଥାତ ପୁରା ଠିକ ଭାବେ ହେଲା । ସେ ନାଟକଟି ପ୍ରଥମ ପୁରସ୍କାର ପାଇଲା । ଏହା ଆମ ତିନିଜନଙ୍କ ପାଇଁ ଥିଲା ଅହେତୁକ ସଫଳତା । ତାର ପରବ□ୀ ସମୟରେ ଆମ ତିନିଜଣଙ୍କ ନାଁ ଟିକେ ହେଇଯାଇଥିଲା । ଆମେ ଗର୍ବିତ ଅନୁଭବ କରୁଥିଲୁ । କେତେଥର ସାରଙ୍କ ଘରେ ଆମେ ମୁଢ଼ି, ମିକ୍ସର ସହିତ ବରା, ଆଳୁଚପ ଇତ୍ୟାଦି ଖାଇଛୁ ତାହାର ହିସାବ ନାହିଁ । ସମୟ ସମୟରେ ଟ୍ୟୁସନ ସରିଲା ବେଳକୁ ସନ୍ଧ୍ୟା ହୋଇ ଯାଇଥାଏ । ମୃତ୍ୟୁଞ୍ଜୟ ତାଙ୍କ ଘରକୁ ନ ଯାଇ ଆମ ଘରେ କିଛି ସମୟ ରୁହେ । ସନ୍ଧ୍ୟା ଜଳଖିଆ ଖାଇବା ପରେ ଛାତ ଉପରେ ଆମର କ୍ରିକେଟ ଖେଳ ଆରମ୍ଭ ହୋଇଯାଏ ଏହିପରି କେତେ କଣ ଘଟଣା ଘଟିଛି । ଅଗଷ୍ଟ ୨ ତାରିଖ, ୨୦୨୫ ମସିହାରେ ଆମ ବାଲ୍ୟ ସହପାଠୀ କାଳିଆକୁ ମୃତ୍ୟୁ ଆମଠାରୁ ଛଡାଇ ନେଲା । ତାର ଦ୍ୱାଦଶାହ ସ୍ମୃତିଚାରଣ ଆମେ ଯେତେବେଳେ ଭୁବନେଶ୍ୱରରେ କରିଥିଲୁ, ସେହି ସମୟରେ ଯୋଗୀସାର, ସୁଶାନ୍ତ ସାରଙ୍କ ସହିତ ମୋ ସହିତ ଯେଉଁମାନେ ସେଠାରେ ଥିଲେ, ସମସ୍ତେ ଆବେଗପୂର୍ଣ୍ଣ ବକ୍ତବ୍ୟ ରଖିବା ସହିତ ସମସ୍ତଙ୍କ ଆଖିରେ ଅଶ୍ରୁ ଆସିଯାଇଥିଲା । ତାର ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଗଭୀର ଶ୍ରଦ୍ଧାଳି ଅର୍ପଣ କରୁଛି । ଭଗବାନ ତାର ଅମର ଆତ୍ମାକୁ ଶାନ୍ତି ଓ ସଦଗତି ପ୍ରଦାନ କରନ୍ତୁ ।

*ବାଲ୍ୟ ସହପାଠୀ ତଥା ମୁଖପାତ୍ର ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର, ମୋ-୯୯୩୭୬୮୯୬୮୩*





# ମୟୂରଭଞ୍ଜ କଲେଜର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀଙ୍କୁ ଜିଲ୍ଲାର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ସମ୍ମାନ

ବାରିପଦା : ୮୦ତମ ସ୍ୱାଧୀନତା ଦିବସ ଅବସରରେ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉସଟାନ୍ସି ଆଣ୍ଡ ମ୍ୟାନେଜମେସଟ (ଏମ୍‌ସିଏମ୍)ର ଏନଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ସୁଶ୍ରୀ ନାୟକଙ୍କୁ ମୟୂରଭଞ୍ଜ ଜିଲ୍ଲାର ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଭାବେ ସମ୍ମାନିତ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ତାଙ୍କୁ ଟ୍ରଫି, ପ୍ରଶସ୍ତିପତ୍ର ଓ ସମ୍ମାନ ପ୍ରଦାନ କରିଥିଲେ । ଏହି ସମ୍ମାନ ମୟୂରଭଞ୍ଜ କଲେଜ ପରିବାର ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।




ଶ୍ରୀମତୀ ନାୟକ ଜଣେ ପରିଶ୍ରମୀ, ନିଷ୍ଠାବାନ ଓ କର୍ମଠ ଏନ୍‌ଏସ୍‌ଏସ୍ ଅଧିକାରୀ ଭାବେ ପରିଚିତ । ତାଙ୍କ ନେତୃତ୍ୱରେ କଲେଜର ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ବୃକ୍ଷରୋପଣ, ରକ୍ତଦାନ ସଚେତନତା, ମାଦକ ବିରୋଧୀ ଅଭିଯାନ, ଯୋଗ ଦିବସ, ଗ୍ରାମାଂଚଳରେ ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ, ଟ୍ରାଫିକ ସଚେତନତା, ପରିବେଶ ସୁରକ୍ଷା ଅଭିଯାନ ସମେତ ବହୁ ସମାଜସେବାମୂଳକ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ ହୋଇଛି । ବାରିପଦା ସହର ଏବଂ ନିକଟବର୍ତ୍ତୀ ବିଭିନ୍ନ ଗ୍ରାମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବକମାନଙ୍କ ମାଧ୍ୟମରେ ଅନେକ ଜନହିତକର କାର୍ଯ୍ୟକ୍ରମ କରାଯାଇଛି । ତାଙ୍କର ସଫଳ ସଂଗଠନ କ୍ଷମତା, ନେତୃତ୍ୱ ଏବଂ ସମାଜ ପ୍ରତି ଉତ୍ସର୍ଗୀକୃତ ସେବା ମନୋଭାବ ପାଇଁ ଏହି ସମ୍ମାନ ମିଳିଥିବାରୁ ଜିଲ୍ଲାର ଏନ୍‌ଏସ୍‌ଏସ୍ ମହଲରେ ଖୁସିର ଲହରୀ ଖେଳିଯାଇଛି । ଶ୍ରୀମତୀ ନାୟକ ବାରିପଦାର ବିଶିଷ୍ଟ ସମାଜସେବୀ ଭୂମିଗୌରବ ଶରତ ଚନ୍ଦ୍ର ନାୟକଙ୍କ ସାନ କନ୍ୟା ଏବଂ ବିଶିଷ୍ଟ ସାମାଜିକ କର୍ମୀ କୁମାରେଶ ନାୟକଙ୍କ ଭଉଣୀ । ସମାଜସେବାର ପାରିବାରିକ ପରମ୍ପରାକୁ ସେ ନିଜ କାର୍ଯ୍ୟ ମାଧ୍ୟମରେ ଆଗକୁ ନେଇଥିବା ଅନେକଙ୍କ ମତ । ଏହି ଗୌରବଜନକ ସଫଳତା ପାଇଁ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ, ଉପାଧ୍ୟକ୍ଷା ସଙ୍ଘମିତ୍ରା ରାଉତ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ଼. ପୁଷ୍ପା ପାତ୍ର, ରାଇରଙ୍ଗପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁନୀଲ କୁମାର ଜେନା, ଜିଲ୍ଲା ଏନ୍‌ଏସ୍‌ଏସ୍ ସଂଯୋଜକ ଡ଼. ଅନାମ ଚରଣ ରାଉଳ ପ୍ରମୁଖ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ତାଙ୍କୁ ଶୁଭେଚ୍ଛା ଜଣାଇ ଭବିଷ୍ୟତରେ ଆହୁରି ଅନେକ ସଫଳତା କାମନା କରିଛନ୍ତି ।

# ଖଡ଼ିଆଲ କଲ୍ୟାଣ ମଣ୍ଡପ-୨ ଠାରେ ପିଏମ ବିଶ୍ୱକର୍ମା ଯୋଜନା ଉପରେ ସଚେତନତା ଓ ତାଲିମ ଶିବିର

ନୂଆପଡ଼ା : (ନି.ପ୍ର) ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କୁ ସ୍ୱାବଲମ୍ବୀ ଏବଂ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଖଡ଼ିଆଳ ଏନଏସି ସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ 'ପିଏମ ବିଶ୍ୱକର୍ମା ଯୋଜନା' ଅଧୀନରେ ସ୍ୱତନ୍ତ୍ର ବ୍ରାଣ୍ଡିଂ ଓ ମାର୍କେଟିଂ (ବଜାର ବ୍ୟବସ୍ଥା) ସମ୍ପର୍କିତ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ (MSME) ମନ୍ତ୍ରଣାଳୟ ଅଧୀନସ୍ଥ ଶାଖା ଗଝଗର-ଉରଙ୍ଗ, ରାଉରକେଲା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଆଇସି (DIC) ନୂଆପଡ଼ା ସମ୍ପୂର୍ଣ୍ଣ ସହଯୋଗ କରିଥିଲା । ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସ.କେ. ସାହୁ (ନିର୍ଦ୍ଦେଶକ, MSME-DFO) ସମୀର ମୁଦୁଲି (ସାଧାରଣ ପରିଚାଳକ, DIC) ସ୍ୱାଧୀନ କେତନ ମହାରଣା (କାର୍ଯ୍ୟନିର୍ବାହୀ ଅଧିକାରୀ, ଖଡ଼ିଆଳ ଏନଏସି) ଦିନେଶ କୁମାର ମିଶ୍ର (ମୁଖ୍ୟ ଶାଖା ପରିଚାଳକ, SBI ଖଡ଼ିଆଳ) ଅଜିତ କିଶୋର ଚଲାନ (ସଦସ୍ୟ, ବିଶ୍ୱକର୍ମା କମିଟି) ଦିନେଶ କୁମାର ନାଏକ (ସହକାରୀ ନିର୍ଦ୍ଦେଶକ, ଗଝଗର) ଆନନ୍ଦ ବେହେରା (ସହକାରୀ ଶିଳ୍ପ ଅଧିକାରୀ, ଖଡ଼ିଆଳ) ପ୍ରମୁଖ ମଂଚାସୀନ ରହି କାରିଗରମାନଙ୍କୁ ମାର୍ଗଦର୍ଶନ କରିଥିଲେ । କୋମନା ସହକାରୀ ଶିଳ୍ପ ଅଧିକାରୀ ଶୁଭମ ସାଇ ଜେନା ଏବଂ ସିନାପାଲିର ସୁନିଲ କୁମାର ଓରାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଯୋଜନା ଅଧୀନରେ ସୂତ୍ରଧର (କାଠକାମ), କମାର, ସୁନାରୀ, କୁମ୍ଭାର ଆଦି ୧୮ ପ୍ରକାରର ପାରମ୍ପରିକ ବୃତି ସହ ଜଡ଼ିତ କାରିଗରମାନଙ୍କୁ ସହାୟତା ପ୍ରଦାନ କରାଯାଉଛି । କାରିଗରମାନେ କିପରି ନିଜ ଉତ୍ପାଦିତ ସାମଗ୍ରୀର ସଠିକ୍ ବ୍ରାଣ୍ଡିଂ ଏବଂ ମାର୍କେଟିଂ କରି ଅଧିକ ଲାଭବାନ୍ ହୋଇପାରିବେ, ସେ ସମ୍ପର୍କରେ ଶିବିରରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଦକ୍ଷତା ବୃଦ୍ଧି ତାଲିମ ଟୁଲକିଟ୍ ସହାୟତା ରିହାତି ଦରରେ ଋଣ ସୁବିଧା ଡିଜିଟାଲ୍ ମାର୍କେଟିଂ ଓ ଅନଲାଇନ୍/ଅଫଲାଇନ୍ ବିକ୍ରୟ ସୁବିଧା ଯୋଗାଇ ଦିଆଯାଉଥିବା ସୂଚନା ଦିଆଯାଇଥିଲା । ନିଜର ଉତ୍ପାଦକୁ ବ୍ରାଣ୍ଡିଂ କରି ବୃହତର ବଜାରରେ ବିକ୍ରି କରିବା ପାଇଁ ସ୍ଥାନୀୟ କାରିଗର ଓ ଶିଳ୍ପୀ ମାନଙ୍କୁ ଉତ୍ସାହିତ କରାଯାଇଥିଲା ।

# ଇସ୍କନର ଅଦିନିଆ ରଥଯାତ୍ରା ଓ କୁସଂସ୍କାର ସେବା ଭାରତୀୟ ସଂସ୍କୃତିର ପରିପନ୍ଥି

ଭଦ୍ରକ : ଇସ୍କନ ସଂସ୍ଥାର ଅଦିନିଆ ରଥଯାତ୍ରାକୁ ଓଡ଼ିଶା ରାଜ୍ୟ ତଥା ରାଷ୍ଟ୍ର ପକ୍ଷରୁ ଘୋର ବିରୋଧ କରି ଏହାକୁ ବନ୍ଦ କରିବା ନିମନ୍ତେ ଦେଶ ତଥା ବିଦେଶରେ ରହୁଥିବା ଇସ୍କନ ସଂସ୍ଥାକୁ ଅନୁରୋଧ କରାଯାଉଥିଲେ ହେଁ ତାହା ଏବଧି ସଫଳ ହୋଇ ପାରୁନାହିଁ । ଏହା ରାଷ୍ଟ୍ରିୟ ସଂସ୍କୃତିର ଘୋର ବିରୋଧି । ଆମ ସଂସ୍କୃତିରେ ବିଭିନ୍ନ ଦେବାଦେବୀଙ୍କ ପୂଜା ଆରାଧନା ତିଥି ଅନୁସାରେ ହୋଇ ଆସୁଅଛି । ଏକ କୃଷି ପ୍ରଧାନ ଦେଶରେ ତିଥି ଉପରେ ଗୁରୁତ୍ୱ ଦିଆଯାଇ ଆସୁଛି । ସେ ଦୃଷ୍ଟିରୁ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ବିଶ୍ୱ ବ୍ରହ୍ମାଣ୍ଡର ମାଲିକ ଶ୍ରୀଜଗନ୍ନାଥଙ୍କ ଜନ୍ମବେଦ୍ୟ ଯାତ୍ରା ପାଳନ କରାଯାଇଥାଏ । ଆମ ଦେଶ ତଥା ରାଜ୍ୟରେ ଅଧିକାଂଶ ଓଡ଼ିଆ ଇସ୍କନ ସଂସ୍ଥାରେ ସାମିଲ ଥାଇ ଏହି ଅଦିନିଆ ରଥଯାତ୍ରାକୁ ସ୍ୱୀକାର କରୁଥିବା ଘୋର ପରିତାପର ବିଷୟ । ଏସବୁବ୍ୟତିତ ଏବେ ପଶ୍ଚିମବଙ୍ଗସ୍ଥିତ ଦୀଘା ଠାରେ ମମତା ବାନାର୍ଜୀଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକଗଣ ପାଦରେ ଜୋତାପିନ୍ଧି ପ୍ରଭୁଙ୍କ ଭୋଗ ସାମଗ୍ରି ରନ୍ଧନ କରୁଥିବା ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶ ପାଇଛି । ରନ୍ଧନ ସାମଗ୍ରି ମଧ୍ୟ ଅପାତ୍ରରେ ବ୍ୟବହାର କରାଯାଉଛି । ଏହାକୁ ଓଡ଼ିଶାର ଅଗଣିତ ଶ୍ରୀଜଗନ୍ନାଥ ଭକ୍ତଭକ୍ତା ଘୋର ବିରୋଧ କରୁଛନ୍ତି । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷରୁ ପଶ୍ଚିମବଙ୍ଗର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଶୁଭେନ୍ଦୁ ଅଧିକାରୀ ମହୋଦୟଙ୍କୁ ଏପ୍ରକାର ଘଟଣାବଳିକୁ ବନ୍ଦ କରିବା ପାଇଁ ନିବେଦନ କରାଯାଇଛି ।

# କେଏମସି ପକ୍ଷରୁ ପ୍ରମୁଖ ପରିମଳ କର୍ମୀଙ୍କ ପାଇଁ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

 କଟକ (ନି ପ୍ର ) : କଟକ ମହାନଗର ନିଗମ ପକ୍ଷରୁ ପ୍ରମୁଖ ପରିମଳ କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସ୍ଥାନୀୟ ଟାଉନ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମହାନଗର ନିଗମର ମେୟର ଶ୍ରୀ ସୁବାସ ସିଂହ ଏହାକୁ ଆନୁଷ୍ଠାନିକଭାବେ ଉଦଘାଟନ କରିଥିଲେ । ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ୧୧୯ ଜଣ ପରିମଳ କର୍ମୀ ଯୋଗଦେଇ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏଥିରେ ରକ୍ତଚାପ ପରୀକ୍ଷା, ରକ୍ତ ଶର୍କରା/ମଧୁମେହ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଇସିଜି, ଦନ୍ତ ପରୀକ୍ଷା ଏବଂ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ପ୍ରଭୃତି ସେବା ଯୋଗାଇ ଦିଆଯାଇଥିଲା । ଏହାସହ ସଫେଇ କର୍ମଚାରୀଙ୍କୁ ପ୍ରତିଷେଧମୂଳକ ସ୍ୱାସ୍ଥ୍ୟସେବା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ କାର୍ଯ୍ୟସ୍ଥଳୀରେ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା । ସ୍ୱାସ୍ଥ୍ୟ ସମ୍ପର୍କିତ ଆଇଇସି ସାମଗ୍ରୀ ଓ କେୟାର୍ କିଟ୍ ମଧ୍ୟ ଅଂଶଗ୍ରହଣକାରୀ ସଫେଇ କର୍ମଚାରୀଙ୍କୁ ବଂଟନ କରାଯାଇଥିଲା । ବିଶେଷକରି ସେମାନଙ୍କୁ ସେମାନଙ୍କର ଆୟୁଷ୍ମାନ କାର୍ଡ ସଂପର୍କରେ ଅବଗତି, ସେମାନଙ୍କର ପରିଚୟ ପତ୍ର, ସ୍ୱାସ୍ଥ୍ୟ ପରୀକ୍ଷା କାର୍ଡ ପ୍ରଭୃତିକୁ ଗୋଟିଏ ହାର୍ଡ ଫାଇଲରେ ସୁରକ୍ଷିତ ରଖିବାକୁ ପରାମର୍ଶ ଦିଆଯାଇ, ଗୋଟିଏ ଗୋଟିଏ ଫାଇଲ୍ ପ୍ରଦାନ କରାଯାଇଥିଲା ।




ଏହି ଅବସରରେ ଏକ ଗରିମା ହେଲ୍ଥ ରିପୋର୍ଟ କାର୍ଡ ମଧ୍ୟ ପରିମଳ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା । ସମସ୍ତ ପରୀକ୍ଷା ଦେୟମୁକ୍ତ ଥିବା ବେଳେ ପ୍ରଥମ କରି ଇସିଜି ପରୀକ୍ଷା କରାଯାଇ ହାର୍ଟ ହେଲ୍ଥ ସଂପର୍କରେ ସେମାନଙ୍କୁ ଅବଗତ କରାଯାଇଥିଲା । କେଏମସି ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, କମିଶନର ସୁଶ୍ରୀ କୀରନଦୀପ କୌର ସହୋତା, ହେଲ୍ଥ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଶ୍ରୀମତୀ ଦିପ୍ତିମୟୀ ମୂଳିଆ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥି, ସାନିଟେସନ୍ ବିଭାଗର ଡେପୁଟି କମିଶନର ଜୁବୁଲି ଚରଣ ବେହେରା, ଆସିଷ୍ଟାଂଟ କମିଶନର ତ୍ରିଶୁଳ ମାର୍ଦ୍ଦି, ଶୁଭଶ୍ରୀ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ରାଜ୍ୟ ସରକାରଙ୍କ ପକ୍ଷରୁ ଗରିମା ଯୋଜନା ଅନ୍ତର୍ଗତ 'ଆଇନଗତ ସଫେଇ, ସୁରକ୍ଷିତ ସଫେଇ' ପକ୍ଷ ପାଳନ ଅବସରରେ ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଲିଙ୍କ୍ ଆଇ ହସ୍ପିଟାଲ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲା । ଗରିମାରେ କଟକ ମହାନଗର ନିଗମ (କେଏମ୍‌ସି) ପକ୍ଷରୁ କୋର୍ ସାନିଟେସନ୍ କର୍ମଚାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା, ସମ୍ମାନ ଓ ସାମଗ୍ରିକ କଲ୍ୟାଣକୁ ଗୁରୁତ୍ୱ ଦିଆଯାଉଛି ।

# ଓଏସଆରଟିସି ବସ୍‌ରେ ଦିବ୍ୟାଙ୍ଗ, ବୃଦ୍ଧ ବୃଦ୍ଧାଙ୍କ ସୁବ୍ୟବସ୍ଥା ପାଇଁ ଦାବି

ଜୟପୁର : (ହି.ସ.)- କୋରାପୁଟ ଜିଲାର ସାଧାରଣ ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରୁ ନଥିବା ଅଭିଯୋଗ ହୋଇଛି । ଫଳରେ କୋରାପୁଟ ଜିଲା ସମେତ ନବରଙ୍ଗପୁର, ମାଲକାନଗିରି ଜିଲାବାସୀ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବସ୍ ରେ ସମ୍ମାନର ସହିତ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି କିପରି ଅନୁକୂଳ ପରିବେଶରେ ଯାତାୟତ କରିପାରିବେ ସେଥିପାଇଁ କୌଣସି ପଦକ୍ଷେପ ସରକାର ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି । ସୁପ୍ରିମକୋର୍ଟଙ୍କ ୨୦୧୭, ଡିସେମ୍ବର ୧୫ର ରାୟ ଓ ଏହାପରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ୨୦୧୮, ମାର୍ଚ୍ଚ ୨୮ରେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଦିବ୍ୟାଙ୍ଗ ଅନୁକୂଳ ବସ୍ ସେବା ପ୍ରଦାନ କରିବାରେ ସରକାର ବିଫଳ ହୋଇଛନ୍ତି । ସମସ୍ତ ସରକାରୀ ବସ୍ ଦିବ୍ୟାଙ୍ଗ ଅନୁକୂଳ ଯେପରି ହେବ ତାହା ସୁନିଶ୍ଚିତ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ଘରୋଇ ବସ ଗୁଡ଼ିକୁ ମଧ୍ୟ ଦିବ୍ୟାଙ୍ଗ ଅନୁକୂଳ କରାଯିବା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱାରୋପ କରିଥିଲେ । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରି ରାଜ୍ୟ ପରିବହନ ବିଭାଗ ୨୦୧୮, ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ଜାରି କରିଥିଲା । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମ ଓଏସଆରଟିସି ଦ୍ୱାରା ନୂଆ ବସ ଗୁଡ଼ିକ ଦିବ୍ୟାଙ୍ଗଙ୍କ ସହଜ.ସୁଗମ ଯାତାୟତ ବ୍ୟବସ୍ଥା ସଂପର୍କିତ ଭାରତ ସରକାରଙ୍କ ତତ୍କାଳୀନ ଅର୍ବାନ ଟ୍ରାନ୍ସପୋର୍ଟ ମନ୍ତ୍ରଣାଳୟ ପକ୍ଷରୁ ଜାରି ୨୦୧୮, ମେ ୧୦ର ଗାଇଡଲାନ କାର୍ଯ୍ୟକାରୀ କରିବେ । ଘରୋଇ ବସ ମାଲିକ ମଧ୍ୟ ଏହି ଗାଇଡଲାଇନ ପାଳନ କରିବେ ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଥିଲା । କିନ୍ତୁ ଏହି ବିଜ୍ଞପ୍ତି ପରବର୍ତ୍ତୀ ସମୟରେ ସରକାର କାର୍ଯ୍ୟକାରୀ କରି ନଥିବା ଅଭିଯୋଗ ହୋଇଛି । ଓଏସଆରଟିସି ଦ୍ୱାରା ପରିଚାଳିତ କୌଣସି ବସ୍ ରେ ବର୍ତ୍ତମାନ ପର୍ଯ୍ୟନ୍ତ ରାମ୍ପସ, ଲିଫ୍ଟ, ଲୋ-ଫ୍ଲୋର, ହାଇଡ୍ରୋଲିକ ଲିଫ୍ଟ ଭଳି ସୁଗମ ଯାତାୟତ ବ୍ୟବସ୍ଥା ନାହିଁ । ୨୦୨୦ରୁ ୨୦୨୬, ଫେବ୍ରୁଆରି ମଧ୍ୟରେ ଓଏସଆରଟିସି ପକ୍ଷରୁ ନୂଆ ବସ କ୍ରୟ କରାଯାଇଛି ଓ ଏଗୁଡ଼ିକୁ ବିଭିନ୍ନ ରୁଟରେ ପରିଚାଳନା ପାଇଁ ବ୍ୟବହାର କରାଯାଉଛି । ନୂଆ ବସ ଓଏସଆରଟିସି କ୍ରୟ କରିଛି କିନ୍ତୁ କିଛି ସୁବିଧା କରାଯାଇ ନାହିଁ । ଓଏସଆରଟିସିର କୌଣସି ବସରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଓ ୨୦୧୮ର ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁପାଳନ କରି ଦିବ୍ୟାଙ୍ଗଙ୍କ ପାଇଁ ସହଜ, ସୁଗମ ଯାତାୟତ ବ୍ୟବସ୍ଥା କରାଯାଇ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଏଭଳି ସ୍ଥିତିରେ ଘରୋଇ ବସ ମାଲିକ ଏ ସମ୍ପର୍କିତ ନିୟମ କ'ଣ କାର୍ଯ୍ୟକାରୀ କରିବେ ବୋଲି ପ୍ରଶ୍ନ ଉଠୁଛି । ରାଜ୍ୟ ସରକାରଙ୍କ ଉଦାସୀନ ମନୋଭାବ ପାଇଁ ଦିବ୍ୟାଙ୍ଗ ଓ ବୟସ୍କମାନେ ସମ୍ମାନରେ ବସରେ ଯାତାୟତ କରିବା କଷ୍ଟକର ହୋଇପଡିଛି । ବୃଦ୍ଧ ବୃଦ୍ଧା ମାନେ ବହୁତ ହଇରାଣ ହେଉଛନ୍ତି । ତେଣୁ ସରକାର ତୁରନ୍ତ ଦିବ୍ୟାଙ୍ଗ ଓ ବୃଦ୍ଧ ବୃଦ୍ଧାଙ୍କ ପାଇଁ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

# ପଂଚାୟତ ସମିତି ବୈଠକ ଅନୁଷ୍ଠିତ

ନୂଆପଡ଼ା : (ହି.ସ.)- ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ଲକ୍ ର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଥିଲେ । ବିଧାୟକ ଶ୍ରୀ ପାଣିଗ୍ରାହୀ ଅଧିକାରୀମାନଙ୍କୁ ଚାଲୁଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ସହ ଲୋକଙ୍କ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ନୂତନ ପ୍ରକଳ୍ପ ହାତକୁ ନେବାକୁ ଆହ୍ୱାନ କରିଥିଲେ । ବିଦ୍ୟୁତ, ପାନୀୟ ଜଳ, ଗ୍ରାମ୍ୟ ସଡ଼କ ଏବଂ ବିଭିନ୍ନ ଗ୍ରାମପଂଚାୟତକୁ ସଡ଼କ ସଂଯୋଗୀକରଣ ଭଳି ମୌଳିକ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସେ କହିଥିଲେ । ବୈଠକରେ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଅନୁପସ୍ଥିତ ଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ । ଖଡ଼ିଆଳ ବ୍ଲକ୍ ରେ ସଡ଼କ ସଂଯୋଗ ନଥିବା, ଗ୍ରାମ ନଥିବା ସତ୍ତ୍ୱେ ଆବଶ୍ୟକ ସ୍ଥାନରେ ସଡ଼କର ଗୁଣାତ୍ମକ ଉନ୍ନତି ଓ ଅନ୍ୟାନ୍ୟ ଆବଶ୍ୟକ ଉନ୍ନୟନ କାର୍ଯ୍ୟ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଖଡ଼ିଆଳ ବିଡିଓ ମିଳନ କୁମାର ଝଙ୍କାର, ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ଓ ତନୟା ଶବର ପ୍ରମୁଖ ମଂଚାସୀନ ଥିଲେ । ଏଥିରେ ସମସ୍ତ ସରପଂଚ, ସମିତି ସଭ୍ୟ-ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ପିଏମ୍ ବିଶ୍ୱକର୍ମା ଯୋଜନା ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା : (ହି.ସ.)- ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କୁ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ଖଡ଼ିଆଳ ଏନଏସି ସ୍ଥିତ କଲ୍ୟାଣ ମଣ୍ଡପ-୨ ଠାରେ ପିଏମ୍ ବିଶ୍ୱକର୍ମା ଯୋଜନା ଉପରେ ଏକ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । କାରିଗର ଓ ଶିଳ୍ପୀମାନଙ୍କୁ ନିଜ ଉତ୍ପାଦର ବ୍ରାଣ୍ଡିଂ, ମାର୍କେଟିଂ ଓ ବଜାର ସୁବିଧା ସମ୍ପର୍କରେ ଏହି ଶିବିରରେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏମଏସଏମଇ ଏସ୍ ନିର୍ଦ୍ଦେଶକ ଏସ୍.କେ. ସାହୁ, ଡିଆଇସି ସାଧାରଣ ପରିଚାଳକ ସମୀର ମୁଦୁଲି, ଖଡ଼ିଆଳ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ଖଡ଼ିଆଳ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ଦିନେଶ କୁମାର ମିଶ୍ର, ବିଶ୍ୱକର୍ମା କମିଟି ସଦସ୍ୟ ଅଜିତ କିଶୋର ଚଲାନ, ଏମଏସଏମଇ ବିଭାଗର ସହକାରୀ ନିର୍ଦ୍ଦେଶକ ଦିନେଶ କୁମାର ନାଏକ ଓ ଖଡ଼ିଆଳ ସହକାରୀ ଶିଳ୍ପ ଅଧିକାରୀ ଆନନ୍ଦ ବେହେରା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କୋମନା ସହକାରୀ ଶିଳ୍ପ ଅଧିକାରୀ ଶୁଭମ ସାଇ ଜେନା ଓ ସିନାପାଲିର ସୁନିଲ କୁମାର ଓରାମ ସହଯୋଗ କରିଥିଲେ । ଶାଖା ଏମଏସଏମଇ ବିକାଶ ଓ ସୁବିଧା କାର୍ଯ୍ୟାଳୟ, ରାଉରକେଲା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭାରତ ସରକାରଙ୍କ ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଆଇସି ନୂଆପଡ଼ା ସହଯୋଗ କରିଥିଲା । ପିଏମ୍ ବିଶ୍ୱକର୍ମା ଯୋଜନା ଅଧୀନରେ ସୂତ୍ରଧର, କମାର, ସୁନାର, କୁମ୍ଭାରଙ୍କ ସମେତ ୧୮ ପ୍ରକାରର ପାରମ୍ପରିକ ବୃତି ସହ ଜଡ଼ିତ କାରିଗର ଓ ଶିଳ୍ପୀଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦିଆଯାଉଛି । ଏଥିରେ ଦକ୍ଷତା ବୃଦ୍ଧି ତାଲିମ, ଟୁଲ୍ କିଟ୍ ସହାୟତା, ଋଣ ସୁବିଧା ଓ ଡିଜିଟାଲ ମାର୍କେଟିଂ ଭଳି ସୁବିଧା ରହିଛି । ନିଜ ଉତ୍ପାଦକୁ ଆକର୍ଷଣୀୟ ଭାବେ ବ୍ରାଣ୍ଡିଂ କରି ଅନଲାଇନ୍ ଓ ଅଫଲାଇନ୍ ବଜାରରେ ବିକ୍ରି କରିବା ସହ ଅଧିକ ଲାଭ ପାଇବା ପାଇଁ କାରିଗରମାନଙ୍କୁ ଏହି ଅବସରରେ ଉତ୍ସାହିତ କରାଯାଇଥିଲା ।

# ଚମ୍ପୁଆ କୋର୍ଟ ପରିସରରେ 'ନିଶାମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ

ଚମ୍ପୁଆ : (ହି.ସ.)- ଚମ୍ପୁଆ କୋର୍ଟ ପରିସରରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ସମାଜରୁ ନିଶାଦ୍ରବ୍ୟର ଅପବ୍ୟବହାରକୁ ରୋକିବା ଏବଂ ଏକ ସୁସ୍ଥ ସମାଜ ଗଠନ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବିଭୁତି ଭୂଷଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଡିଜେ ପ୍ରଣୟ କୁମାର ଦାସ, ସବ ଜଜ ଜିତେନ୍ଦ୍ର କୁମାର ଦାସ, ଏସ ଡି ଜେ ଏମ ସଦନଜିତ ପଣ୍ଡା, ଏବଂ ଜେ ଏମ ଏଫ୍ ସି ସୁଶ୍ରୀ ସସ୍ମିତା ମିଶ୍ର ପ୍ରମୁଖ ବିଚାରପତି ମାନେ ଯୋଗ ଦେଇଥିଲେ । ଏହା ସହିତ ବରିଷ୍ଠ ଆଇନଜୀବି ରମେଶ ଚନ୍ଦ୍ର ପ୍ରଧାନ, ପ୍ରିୟନାଥ ପତିଙ୍କ ସମେତ ଚମ୍ପୁଆ ଓକିଲ ସଂଘର ସମସ୍ତ ଓକିଲ ଏବଂ କୋର୍ଟ କର୍ମଚାରୀ ମାନେ ଏଥିରେ ଉପସ୍ଥିତ ଥିଲେ । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅବଦୁଲ ଖାନ ଓ ରାମକୃଷ୍ଣ ଜିତ ପ୍ରମୁଖ ସୂଚାରୁରୂପେ ପରିଚାଳନା କରିଥିଲେ ।ଏହି ପରିପ୍ରେକ୍ଷୀରେ କୋର୍ଟର ବିଚାରପତି, ଆଇନଜୀବୀ ଏବଂ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ଏକତ୍ରିତ ହୋଇ ନିଶାମୁକ୍ତ ଭାରତ ଗଠନ ପାଇଁ ସଂକଳ୍ପ ନେଇଥିଲେ । ଦେଶକୁ ନିଶାମୁକ୍ତ କରିବା ପାଇଁ ସମସ୍ତେ ମିଳିତ ଭାବେ ଶପଥ ପାଠ କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସମାଜର କଲ୍ୟାଣ ଏବଂ ଆଗାମୀ ପିଢ଼ିର ସୁରକ୍ଷା ପାଇଁ ଏଭଳି ଅଭିଯାନ ଅତ୍ୟନ୍ତ ଜରୁରୀ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି ।

# ଲଗାଣ ବର୍ଷାରେ ଭାଙ୍ଗିଲା ଘର, ଅଳ୍ପକେ ବର୍ତିଲେ ପରିବାର

ଚମ୍ପୁଆ : (ହି.ସ.)- ଲଘୁଚାପ ଜନିତ ଲଗାଣ ବର୍ଷା କେଉଁଠି ଚାଷୀର ମେରୁଦଣ୍ଡ ଭାଙ୍ଗି ଦେଇଛି ତ କେଉଁଠି ଗରିବର ମୁଣ୍ଡ ଗୁଞ୍ଜିବା ଆଶ୍ରୟ ଛଡ଼ାଇ ନେଇଛି । ଏଭଳି ଏକ ଦୁଃଖଦାୟକ ଚିତ୍ର ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ବଡ଼ନଇ ପଂଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହିରେ । ଗତକାଲି ଲଗାଣ ବର୍ଷା ଯୋଗୁଁ ଏହି ସାହିର ମନମୋହନ ମହାନ୍ତଙ୍କ ବାସଗୃହଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି । ତେବେ ଏକ ବଡ଼ ବିପଦରୁ ପରିବାର ଲୋକେ ଅଳ୍ପକେ ବର୍ତି ଯାଇଥିବା ବେଳେ ଏବେ ସେମାନେ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି । ସୂଚନା ଅନୁଯାୟୀ, ମନମୋହନ ମହାନ୍ତ ନିଜେ ଜଣେ ଦୀର୍ଘଦିନର ରୋଗୀ ଏବଂ ତାଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଅନ୍ୟପଟେ ବାର୍ଦ୍ଧକ୍ୟ ଜନିତ କାରଣରୁ ତାଙ୍କ ସ୍ତ୍ରୀ ମଞ୍ଜୁଳା ମହାନ୍ତଙ୍କ ସ୍ୱାସ୍ଥ୍ୟ ମଧ୍ୟ ସଦାସର୍ବଦା ଖରାପ ରହୁଛି । ଦୁଃଖର ବିଷୟ, ବାରମ୍ବାର ଆବେଦନ କରିବା ସତ୍ତ୍ୱେ ମଧ୍ୟ ମଞ୍ଜୁଳାଙ୍କୁ ଆଜି ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତା ମିଳିପାରି ନାହିଁ । ଏଭଳି ସ୍ଥିତିରେ ମୁଣ୍ଡ ଉପରେ ଥିବା ଏକମାତ୍ର ଚାଳ ଛପର ମାଟିଘରଟି ଭାଙ୍ଗିଯିବା ପରେ ଏହି ବୃଦ୍ଧ ଦମ୍ପତି ଏବେ ସମ୍ପୂର୍ଣ୍ଣ ନିରାଶ୍ରୟ ହୋଇପଡ଼ିଛନ୍ତି । ଘର ଭାଙ୍ଗିବା ସମ୍ପର୍କରେ ସ୍ଥାନୀୟ ସରପଂଚଙ୍କୁ ତୁରନ୍ତ ଅବଗତ କରାଯାଇଥିଲେ ହେଁ, ଘଟଣାର ଦୀର୍ଘ ସମୟ ପରେ ବି କୌଣସି ସରକାରୀ ଅଧିକାରୀ କିମ୍ବା ପ୍ରଶାସନର ପାଦ ଗ୍ରାମରେ ପଡ଼ିନାହିଁ । ବିପନ୍ନ ପରିବାରକୁ ତୁରନ୍ତ ପଲିଥିନ ଖଣ୍ଡିଏ ମଧ୍ୟ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇ ନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଦୁର୍ଦ୍ଦିନ ସମୟରେ ମନମୋହନଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା, ଆବାସ ଯୋଜନାରେ ଏକ ପକ୍କା ଘର ଏବଂ ବାର୍ଦ୍ଧକ୍ୟ ଭତା ପ୍ରଦାନ କରିବାକୁ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଦାବୀ ହେଉଛି ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରୋଭର ଓ ରେଞ୍ଜର ୟୁନିଟ୍ ଖୋଲିବାକୁ ଅନୁମତି

ଜୟପୁର : (ହି.ସ.)- ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସର ରୋଭର ଓ ରେଞ୍ଜର ୟୁନିଟ୍ ଖୋଲିବା ପାଇଁ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ପକ୍ଷରୁ ଆବଶ୍ୟକୀୟ ଅନୁମତି ପ୍ରଦାନ କରାଯାଇଛି । ବିଶ୍ୱବିଦ୍ୟାଳୟରେ ରୋଭର ଓ ରେଞ୍ଜର ୟୁନିଟ୍ ଗଠନ ହେବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶୃଙ୍ଖଳା, ନେତୃତ୍ୱ, ସେବାଭାବ, ଦାୟିତ୍ୱବୋଧ ଓ ମୂଲ୍ୟବୋଧଭିତିକ ଜୀବନଶୈଳୀର ବିକାଶ ହେବ । ଏହା ଯୁବପିଢ଼ିଙ୍କୁ ଜଣେ ସଚେତନ, ଶୃଙ୍ଖଳିତ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବା ସହ ଏକ ସୁନ୍ଦର ଓ ସଶକ୍ତ ଭାରତ ଗଠନରେ ସହାୟକ ହେବ ।ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ପକ୍ଷରୁ ବିଶ୍ୱବିଦ୍ୟାଳୟର ବିଶେଷ ସ୍ଥିତିକୁ ବିଚାରକୁ ନେଇ ୧୫ରୁ ୨୫ ବର୍ଷ ବୟସର ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ଏକାଧିକ ରୋଭର ଓ ରେଞ୍ଜର ୟୁନିଟ୍ ପଞ୍ଜୀକରଣ କରିବାର ସୁବିଧା ପ୍ରଦାନ କରାଯାଇଛି । ସାଧାରଣତଃ ଗୋଟିଏ ୟୁନିଟ୍ ରେ ସର୍ବାଧିକ ୨୪ ଜଣ ରୋଭର ଏବଂ ୨୪ ଜଣ ରେଞ୍ଜରଙ୍କୁ ପୃଥକ ଭାବେ ପଞ୍ଜୀକୃତ କରାଯାଇଥାଏ । କିନ୍ତୁ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ମର୍ଯ୍ୟାଦାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏଥିରେ ସାମିଲ୍ କରିବାର ସୁଯୋଗ ମିଳିବ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟ୍ସ ଏଣ୍ଡ ଗାଇଡ୍ସ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଧାରିତ ପ୍ରୋଫର୍ମାରେ ଆବଶ୍ୟକୀୟ ତଥ୍ୟ ପୂରଣ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ କାର୍ଯ୍ୟାଳୟକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି । ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରୋଭର ଓ ରେଞ୍ଜର ୟୁନିଟ୍ ଆରମ୍ଭ ହେବା ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ବିକାଶ, ସାମାଜିକ ସେବା ଏବଂ ଜାତୀୟ ଚେତନାର ବିକାଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।




# ପ୍ରାକୃତିକ କୃଷି : ସ୍ଥାୟୀତ୍ୱରୁ ଆତ୍ମନିର୍ଭରତା ପଥେ

ବିଗତ ଏକ ଦଶନ୍ଧି ମଧ୍ୟରେ ଭାରତ କୃଷି କ୍ଷେତ୍ରରେ ଦ୍ରୁତ ପ୍ରଗତି ହାସଲ କରିଛି । ଅର୍ଥନୈତିକ ସର୍ଭେ- ୨୦୨୫-୨୬ ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଅଭିବୃଦ୍ଧି ହାର ୪ ପ୍ରତିଶତରୁ ଅଧିକ ହୋଇଛି । ଖାଦ୍ୟଶସ୍ୟ, ଉଦ୍ୟାନ କୃଷି ଏବଂ ତୈଳବୀଜର ବିପୁଳ ଉତ୍ପାଦନ ସମ୍ଭବପର ହୋଇଛି, ଯାହା ଚାଷୀମାନଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟା ଆହରଣର ପରିଣାମ, ଜଳସେଚିତ କ୍ଷେତ୍ରର ପ୍ରସାର, ଉନ୍ନତ ଜଳ ବ୍ୟବହାର ଦକ୍ଷତା, ସମୟୋଚିତ ଏବଂ ପର୍ଯ୍ୟାପ୍ତ ସାର ଉପଲବ୍ଧତା ଭଳି ସମନ୍ୱିତ ସରକାରୀ ନୀତି ଦ୍ୱାରା ସମର୍ଥିତ ବୋଲି ନିର୍ବିବାଦରେ କୁହାଯାଇ ପାରେ । ଉଦ୍ୟାନ କୃଷି ଫସଲର ଅଂଶ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଉଛି ଏବଂ ଆହୁରି ଅଧିକ ଅଭିବୃଦ୍ଧି ହେଉଛି । ତଥାପି, ରାସାୟନିକ ସାରର ମାତ୍ରାଧିକ ବ୍ୟବହାର ସହିତ ଜଡିତ ଚିନ୍ତା ବୃଦ୍ଧି ପାଉଛି ଯାହା ଫଳରେ ପ୍ରମୁଖ ଫସଲର ଉତ୍ପାଦକତା ବୃଦ୍ଧି ପାଉଛି ସତ, କିନ୍ତୁ ମୃତିକାର ସ୍ୱାସ୍ଥ୍ୟ ହ୍ରାସ ପାଇଚାଲିଛି । କୃଷି ବୈଜ୍ଞାନିକମାନଙ୍କ କହିବା ଅନୁସାରେ, ନାଇଟ୍ରୋଜେନ୍ ବ୍ୟବହାର ଦକ୍ଷତା (ଏନ.ୟୁ.ଇ. ରେ ଧୀରେ ଧୀରେ ହ୍ରାସ ପାଇବା ଫଳରେ ଚାଷୀମାନେ ଉତ୍ପାଦକତାରେ ସର୍ବନିମ୍ନ କ୍ରମାଗତ ବୃଦ୍ଧି ସହିତ ରାସାୟନିକ ସାରର ମାତ୍ରା ବୃଦ୍ଧି କରୁଥିବା ଏକ ଦୁଷ୍ଟଚକ୍ର ସୃଷ୍ଟି ହୋଇଛି । ସରକାରଙ୍କ ମୃତିକା ସ୍ୱାସ୍ଥ୍ୟ ଏବଂ ଉର୍ବରତା ଯୋଜନା ସାରା ଦେଶରେ ୨୬ କୋଟି ମୃତିକା ସ୍ୱାସ୍ଥ୍ୟ କାର୍ଡ ବଂଟନକୁ ସକ୍ଷମ କରିଛି । ଏହିପରି ସୃଷ୍ଟି ହୋଇଥିବା ତଥ୍ୟର ସର୍ବଭାରତୀୟ ବିଶ୍ଳେଷଣରୁ ମୃତିକା ଜୈବିକ କାର୍ବନ (ଏସ.ଓ.ସି.) ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୂକ୍ଷ୍ମ-ପୁଷ୍ଟିକର ଅଭାବର ଏକ ଅତ୍ୟନ୍ତ ଚିନ୍ତାଜନକ ଧାରା ପ୍ରକାଶ ପାଇଛି । ସୁସ୍ଥ ମାଟିରେ ଏସ.ସି.ଓ., ଯାହା ୧ ପ୍ରତିଶତରୁ ଅଧିକ ହେବା ଉଚିତ, ହାରାହାରି ୦.୫ ପ୍ରତିଶତ ପାଖାପାଖି ରହିଛି, ଏବଂ କିଛି କ୍ଷେତ୍ରରେ ଏହା ୦.୩ ପ୍ରତିଶତର ଅତି ନିମ୍ନ ସ୍ତରକୁ ହ୍ରାସ ପାଇଛି । ନିମ୍ନ ମୃତିକା ଜୈବିକ କାର୍ବନ (ଏସ.ସି.ଓ.) ମାଟିର ଛିଦ୍ରତାକୁ ହ୍ରାସ କରେ, ଯାହା ଫଳରେ ଜଳ ମାଟି ଭିତରକୁ ପ୍ରବେଶ କରିବାର କ୍ଷମତା ଏବଂ ଜଳ ଧାରଣ କରି ରଖିବାର କ୍ଷମତା—ଉଭୟ ହ୍ରାସ ପାଏ । ଏହାର ପରିଣାମସ୍ୱରୂପ, ବର୍ଷାଜଳ ଏବଂ ଜଳସେଚନର ପାଣି ମାଟିର ଉପରିସ୍ତରକୁ କ୍ଷୟ କରି ବହିଯାଏ । ଫଳରେ ଏହି ଜଳ ଭୂତଳକୁ ପ୍ରବେଶ କରି ଭୂତଳ ଜଳସ୍ତର ବୃଦ୍ଧି କରିପାରେ ନାହିଁ କିମ୍ବା ଉଦ୍ଭିଦର ବିକାଶ ପାଇଁ ସହଜରେ ଉପଲବ୍ଧ ହୋଇପାରେ ନାହିଁ । ନିମ୍ନ ମୃତିକା ଜୈବିକ କାର୍ବନ (ଏସ.ସି.ଓ.) ର ଅନ୍ୟ ଏକ ପ୍ରତିକୂଳ ପ୍ରଭାବ ହେଉଛି, ଏପରି ମାଟିରେ ଚାଷ କରାଯାଉଥିବା ଉଦ୍ଭିଦଗୁଡ଼ିକର ପୋଷକତତ୍ୱ ଶୋଷଣ କ୍ଷମତା ହ୍ରାସ ପାଏ । ସମାନ ସ୍ତରର ଉତ୍ପାଦକତା ବଜାୟ ରଖିବା ପାଇଁ କ୍ରମଶଃ ଅଧିକ ପରିମାଣର ସାର ଆବଶ୍ୟକ ହୁଏ । ରାସାୟନିକ ସାରର ମାତ୍ରା ବୃଦ୍ଧି ପାଇବା ଫଳରେ ସାର ବ୍ୟବହାରର ଦକ୍ଷତା ଆହୁରି ହ୍ରାସ ପାଏ, ଯାହା ମୃତିକାର ସ୍ୱାସ୍ଥ୍ୟକୁ କ୍ଷତି ପହଂଚାଏ । ଏଥିସହିତ, ଦେଶକୁ ରାସାୟନିକ ସାର କିମ୍ବା ଦେଶରେ ଏହାର ଉତ୍ପାଦନ ପାଇଁ ଆବଶ୍ୟକ କଂଚାମାଲ ଆମଦାନୀ କରିବାରେ ମୂଲ୍ୟବାନ ବିଦେଶୀ ମୁଦ୍ରା ବ୍ୟୟ କରିବାକୁ ପଡୁଛି । ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକର ଅସନ୍ତୁଳିତ ବ୍ୟବହାର ମଧ ଅନୁକୂଳ ଜୀବାଣୁ ଏବଂ କୀଟପତଙ୍ଗଙ୍କୁ ହ୍ରାସ କରିଛି, ଯାହା ମାଟିର ଛିଦ୍ରତାକୁ ଉନ୍ନତ କରିବାରେ ଏବଂ ଗଭୀର ମାଟିରୁ ମାଟିର ଉପର ଭାଗକୁ ପୁଷ୍ଟିକର ପଦାର୍ଥ ସ୍ଥାନାନ୍ତର କରିବାରେ ଭୂମିକା ଗ୍ରହଣ କରେ, ଯାହା ଗଛଲତା ଦ୍ୱାରା ଶୋଷିତ ହୁଏ । ଏହାଠାରୁ ବଳି ଆହୁରି ଚିନ୍ତାଜନକ ପ୍ରଭାବ ହେଉଛି ଉତ୍ପାଦର ଗୁଣବତା ଏବଂ ସୁରକ୍ଷା ଉପରେ ଏହାର ପ୍ରତିକୂଳ ପ୍ରଭାବ । ଅତ୍ୟଧିକ ରାସାୟନିକ ସାର ଏବଂ କୀଟନାଶକ ଖାଦ୍ୟ ଏବଂ ଚାରା ଶୃଙ୍ଖଳରେ ଏବଂ ଶେଷରେ ମାନବ ବ୍ୟବହାର ପାଇଁ ପ୍ରବେଶ କରିବାର ସମ୍ଭାବନା ମଧ ବୃଦ୍ଧି ପାଏ, ଯାହା ସ୍ୱାସ୍ଥ୍ୟ ପାଇଁ ବିପଦ ସୃଷ୍ଟି କରେ । ଫଳ, ପନିପରିବା, ଖାଦ୍ୟଶସ୍ୟ ଏବଂ ଅନ୍ୟାନ୍ୟ ବାଣିଜ୍ୟିକ ଫସଲ କୀଟନାଶକର ସର୍ବନିମ୍ନ ଅବଶିଷ୍ଟ ସ୍ତରକୁ ଉଲ୍ଲଂଘନ କରୁଥିବାର ରିପୋର୍ଟ ହୋଇଛି, ଯାହା ରପ୍ତାନି ପ୍ରତ୍ୟାଖ୍ୟାନ କରିଥାଏ ଏବଂ ପରିଣାମ ସ୍ୱରୂପ ବିଶ୍ୱ ବଜାରରେ ବ୍ରାଣ୍ଡ ଇଣ୍ଡିଆ ଉପରେ ପ୍ରଭାବ ପକାଇଥାଏ । ଏଭଳି ଚିନ୍ତାଗୁଡ଼ିକ କିଛି ସମୟ ଧରି ଦୃଶ୍ୟମାନ ହୋଇ ଆସୁଥିବାବେଳେ, ସରକାର ୨୦୨୪ ମସିହାରେ ଜାତୀୟ ପ୍ରାକୃତିକ କୃଷି ମିଶନ ଆରମ୍ଭ କରିଥିଲେ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏହାର ବ୍ୟାପକ ଉଦ୍ଦେଶ୍ୟ ହେଉଛି ପଶୁସମ୍ପଦ, ବିଶେଷକରି ଗୋ-ଆଧାରିତ ରାସାୟନିକମୁକ୍ତ କୃଷିକୁ ପ୍ରୋତ୍ସାହନ ଦେଇ ଅଧିକ ସ୍ଥାୟୀ ଚାଷ ପଦ୍ଧତିକୁ ବିକଶିତ କରିବା । ଏହା ମାଟିର ସ୍ୱାସ୍ଥ୍ୟ, ବିଶେଷତଃ ମୃତିକା ଜୈବିକ କାର୍ବନ (ଏସ.ସି.ଓ.)ର ପରିମାଣ ଉନ୍ନତ କରିବା, ଉଦ୍ଭିଦର ପୋଷକତତ୍ୱ ଶୋଷଣ ଦକ୍ଷତା ବଢ଼ାଇବା ଏବଂ ରାସାୟନିକ ସାର ଓ କୀଟନାଶକ ଉପରେ ଦେଶର ନିର୍ଭରଶୀଳତା ହ୍ରାସ କରିବାରେ ସହାୟକ ହେବ । ପ୍ରାକୃତିକ କୃଷି, ଯାହାକୁ ଏହାର ଅନେକ ସମର୍ଥକ 'ପ୍ରାକୃତିକ ଖେତି' ବା 'ଜିରୋ ବଜେଟ୍ ଫାର୍ମିଂ' ଭାବେ ଅଭିହିତ କରନ୍ତି, ଏପରି ଏକ ପ୍ରଯୁକ୍ତି ଉପରେ ଆଧାରିତ ଯାହାକୁ କୃଷକମାନେ ବହୁ ବର୍ଷ ଧରି ପ୍ରୟୋଗ, ପରୀକ୍ଷଣ ଏବଂ ପ୍ରମାଣିତ କରିଆସିଛନ୍ତି ଏବଂ ଏଥିରୁ ଅତ୍ୟନ୍ତ ଉତ୍ସାହଜନକ ଫଳାଫଳ ମିଳିଛି । ଏହା ଏକ ସମନ୍ୱିତ ପ୍ରଯୁକ୍ତିଗତ ସମାଧାନ ଉପରେ ଆଧାରିତ, ଯେଉଁଥିରେ କୃଷକଙ୍କ ପାଇଁ ପ୍ରାୟ ଶୂନ୍ୟ ଖର୍ଚ୍ଚରେ ସ୍ଥାନୀୟ ଭାବେ ଉପଲବ୍ଧ ସାମଗ୍ରୀ ବ୍ୟବହାର କରାଯାଏ । ଏଥିରେ ସ୍ଥାନୀୟ ଜାତିର ଗାଈର ଗୋବର ଓ ଗୋମୂତ୍ର ଭଳି ସାମଗ୍ରୀ ମଧ ଅନ୍ତର୍ଭୁକ୍ତ । ବିହନ ଚିକିତ୍ସା ପାଇଁ ବ୍ୟବହୃତ ବୀଜାମୃତ ଫର୍ମୁଲେସନ୍ ଉତମ ଅଙ୍କୁରୀକରଣ ଏବଂ କଠିନ ଉଦ୍ଭିଦରେ ସାହାଯ୍ୟ କରେ, ଜୀବାମୃତ, ଘନ-ଜୀବାମୃତ ଏବଂ ସପ୍ତାୟଙ୍କୁର ସଂସ୍କୃତି ମାଟିର ହିତକାରକ ଜୀବାଣୁ ସଂସ୍କୃତି ଏବଂ ଉତ୍ପାଦକତାକୁ ବହୁ ପରିମାଣରେ ବୃଦ୍ଧି କରେ । ଜୀବାଣୁ ଏବଂ କବକ ସଂକ୍ରମଣକୁ ରୋକିବା ପାଇଁ 'ସୌନ୍ଥାସ୍ତ୍ର' ଏବଂ 'ଖଟ୍ଟି ଲସି' ପ୍ରୟୋଗ କରି ଉଦ୍ଭିଦ ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଆଯାଇଥାଏ, ଯେତେବେଳେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଏବଂ କୀଟପତଙ୍ଗ ନିୟନ୍ତ୍ରଣ ପାଇଁ ନିମାସ୍ତ୍ର, ବ୍ରହ୍ମାସ୍ତ୍ର, ଅଗ୍ନିସ୍ତ୍ର ଏବଂ ଦଶପାଣି ଆର୍କର ଫର୍ମୁଲେସନ ପ୍ରୟୋଗ କରାଯାଏ । ଉପରୋକ୍ତ ପ୍ରତ୍ୟେକ ଚାଷର ଉପଯୁକ୍ତ ମାତ୍ରାର ଯତ୍ନର ସହିତ ପ୍ରସ୍ତୁତି ଏବଂ ପ୍ରୟୋଗ ଉତ୍ପାଦନ ଏବଂ ଉତ୍ପାଦିତ ଉତ୍ପାଦର ଗୁଣବତା ସହିତ ଆପତି ନକରି ମାଟି ସ୍ୱାସ୍ଥ୍ୟର ଉତମ ଫଳାଫଳ ପ୍ରଦର୍ଶନ କରିଛି । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳ ପ୍ରଶାସନର ସହଯୋଗରେ ଏହି ମିଶନ୍ ପ୍ରଗତି କରୁଛି ଏବଂ ସର୍ବନିମ୍ନ ୫୦ ହେକ୍ଟର କ୍ଲଷ୍ଟରରେ ୧୮ ଲକ୍ଷରୁ ଅଧିକ ଚାଷୀଙ୍କୁ ୭.୫ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନଙ୍କ ଏକ ପ୍ରଶିକ୍ଷିତ ଦଳ, ଯାହା ଚାଷୀ ପ୍ରଶିକ୍ଷକ ଏବଂ କୃଷି ସଖୀଙ୍କ ସହାୟତାରେ ସମ୍ବଳ ବ୍ୟକ୍ତି ଭାବରେ ଚାଷୀମାନଙ୍କୁ ସମ୍ବେଦନଶୀଳ, ତାଲିମ ଏବଂ ଗ୍ରହଣ ପାଇଁ ଉତ୍ସାହିତ କରୁଛନ୍ତି । ସ୍ଥାନୀୟ ପ୍ରଜାତି ଗାଈ ମାଲିକ ଚାଷୀମାନଙ୍କ ପାଇଁ ଚାଷର ବିକାଶକୁ ପ୍ରୋତ୍ସାହିତ କରାଯାଉଥିବାବେଳେ, ସ୍ଥାନୀୟ ଡାଏରୀ କିମ୍ବା ଗୋରୁ ଆଶ୍ରୟସ୍ଥଳରେ ବହୁ ସଂଖ୍ୟକ ଜୈବ-ଇନପୁଟ୍ ସମ୍ବଳ କେନ୍ଦ୍ର ସ୍ଥାପନ କରାଯାଇଛି, ଯାହା ଦ୍ୱାରା ଚାଷୀମାନେ କୌଣସି ସନ୍ଦେହ କିମ୍ବା ଦ୍ୱିଧା ବିନା ଏହି ଚାଷଗୁଡ଼ିକୁ ଗ୍ରହଣ କରିପାରିବେ । ଭାରତୀୟ କୃଷି ଗବେଷଣା ପରିଷଦ (ଆଇ.ସି.ଏ.ଆର.) କ୍ଷେତ୍ର ଏବଂ ଫସଲ-ନିର୍ଦ୍ଦିଷ୍ଟ ସମ୍ଭାବ୍ୟ ମାନଚିତ୍ର ବିକଶିତ କରିଛି ଯାହା ଦର୍ଶାଉଛି ଯେ ପ୍ରାକୃତିକ ଚାଷ କେଉଁଠାରେ ପ୍ରଭାବଶାଳୀ ହେବ । ବଡ଼ ଧରଣର ଗ୍ରହଣ ପାଇଁ ଏହି ସ୍ୱଦେଶୀ ପ୍ରଯୁକ୍ତିର ପ୍ରଭାବକୁ ବୈଜ୍ଞାନିକ ଭାବରେ ବୈଧ କରିବା ପାଇଁ ଆଇ.ସି.ଏ.ଆର ପ୍ରତିଷ୍ଠାନ ଏବଂ କୃଷି ବିଶ୍ୱବିଦ୍ୟାଳୟଗୁଡ଼ିକରେ ସମନ୍ୱିତ ପ୍ରୟାସ ଚାଲିଛି । ଆଇ.ସି.ଏ.ଆର. ଅନୁଷ୍ଠାନଗୁଡ଼ିକର ତତ୍ତ୍ୱାବଧାନରେ ନିଆଯାଇଥିବା ଅନେକ ପରୀକ୍ଷଣ ଅନେକ ଫସଲ ଉପରେ ବହୁତ ସକାରାତ୍ମକ ଫଳାଫଳ ଦେଇଛି, ଏବଂ ଏହାକୁ ଏବେ ମିଶନ ମାଧ୍ୟମରେ ପ୍ରସାରିତ କରାଯାଉଛି । ପ୍ରାକୃତିକ ଉତ୍ପାଦର ବିପଣନ ହେଉଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରଣନୀତି ଯାହା ଚାଷୀଙ୍କ ଆୟ ବୃଦ୍ଧି କରିବ ଏବଂ ସେମାନଙ୍କୁ ଏହି ଅଭ୍ୟାସଗୁଡ଼ିକ ଜାରି ରଖିବାକୁ ଉତ୍ସାହିତ କରିବ । ଜାତୀୟ ଜୈବିକ ଏବଂ ପ୍ରାକୃତିକ କୃଷି କେନ୍ଦ୍ର (ଏନ.ସି.ଓ.ଏନ.ଏଫ.) ପ୍ରାକୃତିକ କୃଷି ପ୍ରମାଣପତ୍ର ପାଇଁ ପ୍ରୋଟୋକଲ ବିକଶିତ କରିଛି । ପୂର୍ବରୁ, ବହୁ ସଂଖ୍ୟକ ଚାଷୀ ଅଂଶଗ୍ରହଣକାରୀ ଗ୍ୟାରେଂଟି ସିଷ୍ଟମ (ପି.ଜି.ଏସ.) ପ୍ରମାଣପତ୍ର ପାଇଛନ୍ତି ଯାହା ସେମାନଙ୍କୁ ସେମାନଙ୍କର ପ୍ରମାଣିତ ପ୍ରମୁଖ ଉତ୍ପାଦକୁ ପ୍ରିମିୟମ୍ ମୂଲ୍ୟରେ ବିକ୍ରୟ କରିବାକୁ ସକ୍ଷମ କରିବ । ଯେତେବେଳେ ପ୍ରମାଣନ, ବଜାରଣ ଏବଂ ବ୍ରାଣ୍ଡିଂ ଲିଙ୍କେଜ୍ ସହିତ ବିଶୁଦ୍ଧ ପ୍ରାକୃତିକ କୃଷି ଚାଲୁଥିବା ମିଶନ ମାଧ୍ୟମରେ ପ୍ରୋତ୍ସାହିତ କରାଯାଉଛି ଏଥିସହିତ, ଏକ ହାଇବ୍ରିଡ ମଡେଲ୍ କୁ ମଧ ପ୍ରୋତ୍ସାହନ


ଡକ୍ଟର ଦେବେଶ ଚତୁର୍ବେଦୀ

ଦେବାର ରଣନୀତି ଗ୍ରହଣ କରାଯାଉଛି । ଏହି ମଡେଲ୍ରେ ରାସାୟନିକ ସାରର କମ୍ ମାତ୍ରା ବ୍ୟବହାର ସହିତ ପ୍ରାକୃତିକ କୃଷି ପଦ୍ଧତି ଆପଣାଇଲେ ମଧ ଉତ୍ପାଦକତାକୁ ସ୍ଥାୟୀ ଭାବେ ବଜାୟ ରଖିହେବ ଏବଂ ମାଟିର ସ୍ୱାସ୍ଥ୍ୟରେ ଉନ୍ନତି ଆସିପାରିବ । ଏହି ମଡେଲ୍ର ବ୍ୟାପକ ଗ୍ରହଣୀୟତା ମଧ ରହିପାରେ । ପ୍ରାକୃତିକ କୃଷି ପଦ୍ଧତିର ଅଭ୍ୟାସ କରୁଥିବା କୃଷକମାନେ ନିଶ୍ଚିତ ଭାବେ କହିଛନ୍ତି ଯେ, ମିଶ୍ରିତ ମଡେଲ୍ରେ ପ୍ରାକୃତିକ କୃଷି ପଦ୍ଧତି ଆପଣାଇଲେ ରାସାୟନିକ ସାର ଉପରେ ନିର୍ଭରଶୀଳତା କ୍ରମଶଃ ହ୍ରାସ ପାଏ । ଏପରିକି କିଛି ସମୟ ପରେ ଅନେକ ଫସଲରେ କୃଷକମାନେ ସମାନ ଉତ୍ପାଦକତା ଓ ଆୟ ସ୍ତର ବଜାୟ ରଖି ଚାଷରେ ରାସାୟନିକ ସାମଗ୍ରୀର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିପାରନ୍ତି । ବର୍ତମାନର ମଧ୍ୟପ୍ରାଚ୍ୟ ସଙ୍କଟରୁ ସୃଷ୍ଟି ହେଉଥିବା ଚ୍ୟାଲେଞ୍ଜର ମୁକାବିଲା ପାଇଁ, ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ନାଗରିକମାନଙ୍କୁ ଏକ ସାତସୂତ୍ରୀ ପଦ୍ଧତି ଆପଣାଇବା ସକାଶେ ଆହ୍ୱାନ ଦେଇଛନ୍ତି, ଯେଉଁଥିରେ ରାସାୟନିକ ସାରର ସୁଚିନ୍ତିତ ବ୍ୟବହାର ଏବଂ ପ୍ରାକୃତିକ କୃଷି ପଦ୍ଧତି ଆପଣାଇବା ଆଦି ଅନ୍ତର୍ଭୁକ୍ତ । ପ୍ରାକୃତିକ କୃଷି ପଦ୍ଧତିକୁ ଆପଣାଇବା କୃଷିର ସ୍ଥାୟିତ୍ୱକୁ ଉତ୍ସାହିତ କରୁଥିବା ବେଳେ, ଏହା ପଶୁପାଳନଙ୍କ ଆର୍ଥିକ ମୂଲ୍ୟ ବୃଦ୍ଧିକୁ ମଧ ସହଜ କରୁଛି, ଯାହା ସାଧାରଣତଃ କ୍ଷୀର ଦେବାର ବୟସ ଅତିକ୍ରମ କରିବା ପରେ ପରିହାର କରାଯାଇଯାଏ । ଏହାର ଆଉ ଏକ ଲାଭ ହେଉଛି—ଘରୋଇ ଉପଭୋଗ ଓ ରପ୍ତାନି ପାଇଁ ନିରାପଦ ଖାଦ୍ୟ ଉପଲବ୍ଧ ହେବା ସହିତ ଦେଶର ମୂଲ୍ୟବାନ ବିଦେଶୀ ମୁଦ୍ରା ମଧ ସଂଚୟ ହେଉଛି ।

***(ଲେଖକ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ପୂର୍ବତନ ସଚିବ)***

# ରାସ୍ତା କଡ଼ରୁ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

ନୟାଗଡ଼(ନିପ୍ର) : ଓଡ଼ଗାଁ ବ୍ଲକ ଶରଣକୁଳ ଥାନା ଅଂଚଳର ଗୋଡିସାହି- ବାଉଁଶିଆ ରାସ୍ତାର ଏକ ବିଲ ମଧ୍ୟରୁ ଜନୈକ ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର ହୋଇଛି । ରାସ୍ତା ପାର୍ଶ୍ୱ ଗଛ ସହ ବାଇକ୍ ଧକ୍କା ହେବା ଫଳରେ ଦୁର୍ଘଟଣା ଘଟି ଯୁବକଙ୍କ ମୃତ୍ୟୁ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି । ମୃତ ଯୁବକ ଜଣକ ହେଲେ ଇଟାମାଟି ଥାନା ଅନ୍ତର୍ଗତ ବାଉଁଶିଆପଡ଼ା ଗ୍ରାମର ନଟବର ବାରିକଙ୍କ ପୁଅ ନିରଞ୍ଜନ ବାରିକ(୩୩) ବୋଲି ଶରଣକୁଳ ପୋଲିସ ପକ୍ଷରୁ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଅନ୍ତର୍ଗତ ଗୋଡିସାହି-ବାଉଁଶିଆ ରାସ୍ତା କଡ଼ରେ ଥିବା ବିଲ ମଧ୍ୟରେ ଏକ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଏବଂ ମୃତଦେହ ନିକଟରେ ଏକ ବାଇକ୍ ମଧ ଦୁର୍ଘଟଣାଗ୍ରସ୍ତ ଅବସ୍ଥାରେ ପଡ଼ିଥିଲା । ଏ ନେଇ ସ୍ଥାନୀୟ ଲୋକେ ଶରଣକୁଳ ଥାନା ପୁଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଂଚି ମୃତ ଦେହ ଓ ବାଇକକୁ ଜବତ କରିଥିଲା । ଏହାପରେ ମୃତ ଦେହକୁ ବ୍ୟବଚ୍ଛେଦ ପାଇଁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥିବା ବେଳେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ।

# ବିଜେପି ପକ୍ଷରୁ ମିଶ୍ରଣ ପର୍ବ ଓ ସାମ୍ବାଦିକ ସମ୍ମିଳନୀ

ଖଇରା(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ବିଜେପି ପକ୍ଷରୁ ବୁଧବାର ସ୍ଥାନୀୟ ଜଳସେଚନ ବିଭାଗ ଆଇବିରେ ଏକ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ ଖଇରା ବ୍ଲକ ତେନ୍ତୁଳିଆପଡା ଗ୍ରାମରୁ ସଂଖ୍ୟାଲଘୁ ସଂପ୍ରଦାୟର ୨୮ଜଣ ବ୍ୟକ୍ତି ବିଜେଡି ଦଳ ଛାଡି ବିଜେପିର ଉତରୀୟ ଓ ଟୋପି ପିନ୍ଧିଥିଲେ । ଏ ସମ୍ପର୍କରେ ଏହି ଗୋଷ୍ଠୀର ମୁଖିଆ ମିର ସାମସୁଦ୍ଦିନଙ୍କୁ ଦଳ ଛାଡିବା ସମ୍ପର୍କରେ ପଚାରିବାରେ ବିଜେଡି ସମୟରେ ତାଙ୍କର ସେଭଳି କୌଣସୀ ଉନ୍ନତି ହୋଇନଥିବା ବେଳେ ସେମାନେ ବିଧାୟକଙ୍କ ଉପରେ ଭରସା କରି ଭାଜପାରେ ଯୋଗଦାନ କରିଥିବା କହିଥିଲେ । ପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ୨୪ମାସ ମଧ୍ୟରେ ଖଇରା ସିମୁଳିଆରେ ବିଭିନ୍ନ ବିଭାଗରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏଥି ମଧ୍ୟରେ ବଣା ଓ ରାଣିତାଲ ନିକଟରେ



ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ଟେଣ୍ଡର ସରିବା, କୁପାରୀ ଠାରେ ୩୦କୋଟି ଟଙ୍କା ବ୍ୟୟରେ ବସ ଟର୍ମିନାଲ ନିର୍ମାଣ ପାଇଁ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଂଚିବା, କୁପାରୀ-ଆଗରପଡା ରାସ୍ତା ପାଇଁ ୩କୋଟି, ସର୍ବୋପରି ବିଭିନ୍ନ ରାସ୍ତା ନିର୍ମାଣ ପାଇଁ ୧ହଜାର କୋଟି ଟଙ୍କା ପ୍ରଦାନ କରାଯାଇ ଥିବା ନେଇ ସୂଚନା ଦେଇଥିଲେ । ନିକଟରେ ଦଳରୁ ପୁର୍ବତନ ବ୍ଲକ ଉପାଧକ୍ଷଙ୍କ ଇସ୍ତଫା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧି ମାନେ ପଚାରିଥିବା ପ୍ରଶ୍ନରେ ଉପାଧକ୍ଷ ସାଧାରଣ ନିର୍ବାଚନ ପୁର୍ବରୁ ଦଳରେ ମିଶିଥିଲେ ହେଁ ବିଜେଡି ଲିଙ୍କରେ ଥିଲେ । ଏଣୁ ତାଙ୍କ ଇସ୍ତଫାରେ ଦଳ ଉପରେ କୌଣସୀ ଫରକ ପଡିବ ନାହିଁ ବୋଲି ବିଧାୟକ ଉଲ୍ଲେଖ କରିଥିଲେ । ବିଜେପି ଯୁବ ମୋର୍ଚ୍ଚା ସଭାପତି ପ୍ରୀତିଶ ମହାପାତ୍ର ଓ ସଭାପତି ସମନ୍ତ କୁମାର ଜେନା ନିଜ ବକ୍ତବ୍ୟରେ ଦଳରୁ ନିଲମ୍ବନ ଭୟରେ ତା ପୁର୍ବରୁ ପୁର୍ବତନ ବ୍ଲକ ଉପାଧକ୍ଷ ଓତାଙ୍କର ଅନ୍ୟ ସହଯୋଗୀ ମାନେ ଇସ୍ତଫା ଦେଇଥିବା ନେଇ ପ୍ରକାଶ କରିଥିଲେ । ଜିଲା ପରିଷଦ ସଭ୍ୟ ମାନସ ଦାଶ, ପତିତପାବନ କର, ମନ୍ମଥ ନାୟକ, ଦୋଳ ଗୋବିନ୍ଦ ମହାରଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏହଛଡା ବର୍ତମାନ ପିଏମ ସୂର୍ଯ୍ୟଘର ଯୋଜନାରେ ୧କିଲୋ ୱାଟ ବିଶିଷ୍ଟ ଉପଭୋକ୍ତା ମାନଙ୍କୁ ପିଏମ ସୂର୍ଯ୍ୟଘର ଯୋଜନାରେ ସାମିଲ କରାଯିବା ଏବଂ ଉପଭୋକ୍ତା ମାନଙ୍କୁ ଦେବାକୁ ପଡୁଥିବା ୧୮୭୫ଟଙ୍କା ବିଧାୟକ ନିଜେ ବହନ କରିବାକୁ ଘୋଷଣା କରିଥିଲେ ।

# ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତାକୁ ଦୃଷ୍ଟିରେ ରଖି ଭାରୀଯାନ ଚଳାଚଳ ଓ ପାର୍କିଙ୍ଗ କଟକଣା

ଜଗତସିଂହପୁର(ନିପ୍ର) : ଜିଲ୍ଲାରେ ସଡ଼କ ସୁରକ୍ଷା ଓ ନାଗରିକ ନିରାପତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଜେ ସୋନାଲ ମୋଟର ଯାନ ଆକ୍ଟ ୧୯୮୮ ର ଧାରା ୧୧୫ ଓ ୧୧୬ ଅନ୍ତର୍ଗତ ଭାରୀ ଯାନ ଚଳାଚଳ ଏବଂ ଗାଡ଼ି ପାର୍କିଂ ଉପରେ କେତେକ କଟକଣା ଲାଗୁ କରିଛନ୍ତି । ଜଗତସିଂହପୁର ପୌର ପରିଷଦ ଅଧୀନରେ ଭାରୀ ଯାନ ଚଳାଚଳ ଯୋଗୁଁ ଉପୁଜୁଥିବା ଟ୍ରାଫିକ ସମସ୍ୟା ଓ ସାଧାରଣ ଜନତା ଙ୍କ ଯାତାୟତ ଅସୁବିଧା କୁ ଦୃଷ୍ଟି ରେ ରଖି ସକାଳ ୮ ଘଟିକା ରୁ ସକାଳ ୧୧ ଘଟିକା ଏବଂ ଅପରାହ୍ନ ୩ ଘଟିକାରୁ ସଂଧ୍ୟା ୭ ଘଟିକା ପର୍ଯ୍ୟନ୍ତ ପୌରାଂଚଳ ରେ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି । ସେହିପରି ଆଲିପିଙ୍ଗଳରୁ ଜଗତସିଂହପୁର ପର୍ଯ୍ୟନ୍ତ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ୬ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍/ ଟିପ୍ପର ଗୁଡ଼ିକ ବାରମ୍ବାର ଦୁର୍ଘଟଣା ର କାରଣ ପାଲଟିଛି । ସେଥିପାଇଁ ଏହି ସବୁ ଯାନ ଉପରେ ସକାଳ ୫ ଘଟିକା ରୁ ରାତ୍ର ୧୧ ଘଟିକା ପର୍ଯ୍ୟନ୍ତ ଆଲିପିଙ୍ଗଳରୁ ଜଗତସିଂହପୁର ରାସ୍ତାରେ କଟକଣା ଲାଗୁ କରାଯାଇଛି । ରାଜ୍ୟ ରାଜପଥ-୧୨ ଅନ୍ତର୍ଗତ କଟକ ରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଲୁହା ପଥର, କ୍ରୋମିୟମ, କୋଇଲା, ଗ୍ୟାସ୍, ତେଲ ଓ ଭାରୀ ଯନ୍ତ୍ରାଂଶ ପରିବହନ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ଚକା ଥିବା ଟ୍ରକ୍, ଟ୍ରେଲର ଓ ଟ୍ୟାଙ୍କର ଗୁଡ଼ିକ ଉପରେ ଜିଲ୍ଲା ର ରାଜ୍ୟ ରାଜପଥ-୧୨ ରେ କଟକଣା ଲାଗୁ କରାଯାଇଛି । ସେହିପରି ଜଗତସିଂହପୁର-ଜୟପୁର ରାସ୍ତା ଅଧିନସ୍ଥ ପୋଲିସ ଷ୍ଟେସନ ଛକ ଠାରୁ ଝୁଂଟିଆ ଡ୍ରେସ୍ ସୋ ରୁମ ପର୍ଯ୍ୟନ୍ତ ଏବଂ ପୋଲିସ ଷ୍ଟେସନ ଛକର ବାମ ପାର୍ଶ୍ୱ ରୁ ଟାଉନ୍ ହଲ୍ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି । ବସ୍ ଷ୍ଟାଣ୍ଡ ରୁ ମେଡିକାଲ ଏବଂ ପୋଲିସ୍ ଷ୍ଟେସନ୍ ଛକ ରୁ ଆଂଚଳିକ ପରିବହନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାର୍କିଙ୍ଗ କଟକଣା ଜାରି କରିଛନ୍ତି । ସେହିପରି ଆଲିପିଙ୍ଗଳ ଠାରେ ଦେବୀ ନଦୀ ର ହାଇଲେବଲ ବ୍ରିଜ୍ ଉପରେ ବାଲି, ଲୁହା ପଥର, କ୍ରୋମିୟମ, କୋଇଲା ପରିବହନ କରୁଥିବା ଭାରୀ ଯାନ ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ଅନ୍ୟପକ୍ଷେ ପାରାଦ୍ୱୀପ ର ଜିରୋ ପଏଂଟ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତାରେ ଭାରୀ ଯାନ ପାର୍କିଂ ଯୋଗୁଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ଦୃଷ୍ଟି ରେ ରଖି ଏହାକୁ 'ନୋ ପାର୍କିଂ' ଜୋନ୍ ଘୋଷଣା କରାଯାଇଛି । ସେହିପରି ଅଏଲ ଟର୍ମିନାଲ ଠାରୁ କାର୍ଗିଲ ଛକ ମଧ୍ୟରେ ପେଟ୍ରୋଲିୟମ୍ ଜାତ ପଦାର୍ଥ ବହନ କରୁଥିବା ଟ୍ୟାଙ୍କର ଗୁଡ଼ିକ ଉପରେ କଟକଣା ଜାରି କରିଛନ୍ତି । ତୈଳ ଶୂନ୍ୟ ଅଏଲ ଟ୍ୟାଙ୍କର ଗୁଡ଼ିକ କାର୍ଗିଲ ଛକ ଦେଇ ଚଳାଚଳ କରିବେ ଓ ତୈଳ ପୂର୍ଣ୍ଣ ହେଲା ପରେ ସେଗୁଡ଼ିକ ପିପିଏଲ ଜଙ୍କସନ୍ ଦେଇ ପିପିଏଲ ଛକ ବାଟେ ପ୍ରସ୍ଥାନ କରିବେ । ଏହି ସମସ୍ତ କଟକଣା ଗୁଡ଼ିକ ଜିଲ୍ଲାରେ ତା ୧୦.୦୯.୨୦୨୬ ରିଖ ପର୍ଯ୍ୟନ୍ତ ବଳବତର ରହିବ ବୋଲି ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ଧାମନଗର କଲେଜରେ ପି.ଏମ୍. ଉଷା ତରଫରୁ କର୍ମଶାଳା

ଧାମନଗର(ନିପ୍ର) : ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପି.ଏମ୍. ଉଷା) ତରଫରୁ "ଗାର୍ଲ୍ ଚାଇଲ୍ଡ ଏଜୁକେସନ୍" ଶୀର୍ଷକ ତ୍ରିଦିବସୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଭଦ୍ରକର ଏ.ଏସ୍.ପି. ଗାୟତ୍ରୀ ପ୍ରଧାନ, ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ଗାନ୍ଧିକ ଶ୍ରୀଯୁକ୍ତ ପବିତ୍ର ପାଣିଗ୍ରାହୀ ଏବଂ ରାଜଧାନୀ ମହାବିଦ୍ୟାଳୟର ସମାଜ ବିଜ୍ଞାନର ସହକାରୀ ପ୍ରାଧାପିକା ଡ. ଅରୁନ୍ଧତୀ ମହାନ୍ତି ରିସୋର୍ସ ପର୍ସନ ଭାବେ ଯୋଗ




ଦେଇ ଥିଲେ । ଦ୍ୱିତୀୟ ଦିବସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ତଥା ସହକାରୀ ପ୍ରାଧାପକ ପ୍ର. ଡ. ପାର୍ଥସାରଥୀ ମଲ୍ଲିକ୍, ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସୁପ୍ରିତି ପାଣିଗ୍ରାହୀ ଏବଂ ଆଇ.ଟି. ଇଞ୍ଜିନିୟର ତଥା କଟକର ସମାଜସେବୀ ସାହିଦା ସୁଲତାନା ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ । ଉଦ୍‌ଯାପନୀ ଦିବସ ବୁଧବାର ଦିନ ମୁଖ୍ୟଅତିଥି ଭାବେ ଧାମନଗର ଆଇ.ଆଇ.ସି. ଶୁଭଜିତ ଦାସ, ଧାମନଗର ଏସ୍.ଡି.ପି.ଓ. ବିଷ୍ଣୁ ଚରଣ ବାରିକ, ଭଦ୍ରକ ସାଇବର ଆଇ.ଆଇ.ସି. ଦୟାନିଧି ଦାସ ଏବଂ କେନ୍ଦୁଝର ପ୍ରକଳ୍ପ ଅଧିକାରୀ ବିପ୍ଳବ ମିଶ୍ର ରିସୋର୍ସ ପର୍ସନ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାର ଅଧିକାର, ନାରୀ ଶିକ୍ଷାର ପ୍ରତିବଦ୍ଧତା, ନାରୀ ନିର୍ଯାତନା ପ୍ରତିରୋଧ ଏବଂ ସର୍ବୋପରି ଶିକ୍ଷା ମାଧ୍ୟମରେ ମହିଳାଙ୍କ ସଶକ୍ତିକରଣ ତଥା ସ୍ୱାବଲମ୍ବନ କରିବା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ପ୍ରାଧାପକ ପ୍ରଦୀପ କୁମାର ରାୟ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ ଉପସ୍ଥାପନ କରିଥିବାବେଳେ, ଅଧକ୍ଷ ଅଜୟ କୁମାର ବେଜ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଅଧାପକ ଆଶୀର୍ବାଦ ମହାନ୍ତି ଅତିଥିଙ୍କୁ ମଂଚ ଆମନ୍ତ୍ରଣ, ଅଧାପିକା ସ୍ୱାଗତିକା ରାୟ ଅତିଥି ପରିଚୟ ପ୍ରଦାନ, ଏବଂ ଅଧାପିକା ବାସ୍ତବିକା ଦାସ ଓ ଅଧାପିକା ଡ. ସାଜିଆ ତମକିନ୍ ମଂଚ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ ଅଧାପକ-ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅଧାପକ ସତ୍ୟମ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ତିନି ଦିନିଆ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବର ଶୁଭାରମ୍ଭ



ବ୍ରହ୍ମପୁର(ନି.ପ୍ର.): ଓଡିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର, ଜିଲ୍ଲା ପ୍ରଶାସନ, ସଂସ୍କାର ଭାରତୀ,ଓଡ଼ିଶା ପ୍ରଦେଶ ଏବଂ ଓଡ଼ିଶା ନାଟକ ସମାରୋହ ସମିତି,ବ୍ରହ୍ମପୁରର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ ଲୋକନାଟକ ମହୋତ୍ସବ 'ଲୋକରଞ୍ଜନୀ' ଓଡ଼ିଶା ସରକାରଙ୍କ ତରଫରୁ ' ବିଜୁ ପଟ୍ଟନାୟକ ସଂସ୍କୃତି ଭବନ' ,ବ୍ରହ୍ମପୁର ଠାରେ ଶୁଭାରମ୍ଭ ହୋଇଛି । ଏକାଡ଼େମୀ ତରଫରୁ ସଂସ୍କାର ଭାରତୀ ଓ ଓଡ଼ିଶା ନାଟକ ସମାରୋହ ସମିତି, ବ୍ରହ୍ମପୁର ଦ୍ୱାରା ଆୟୋଜିତ ଏହି ଲୋକ ନାଟକ ମହୋତ୍ସବ ଶୁଭାରମ୍ଭ ପୂର୍ବରୁ ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ ସହୋଜଗରେ ବିରାଟ କଳାକାର ଶୋଭାଯାତ୍ରା ଆୟୋଜିତ ହୋଇଥିଲା ।ଶୋଭାଯାତ୍ରାରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ର ସଚିବ ଡ଼. ଚନ୍ଦ୍ର ଶେଖର ହୋତା ଯୋଗ ଦେଇଥିଲେ, ନାଟ୍ୟକାର ତିରୁପତି ସାହୁ ଶୁଭାରମ୍ଭ କରିଥିଲେ ସନ୍ଧ୍ୟାରେ ସଚ୍ଚି ଉକ୍ତ ଚନ୍ଦ୍ର ଶେଖର ହୋତା ଲୋକନାଟକ ଉତ୍ସବକୁ ଉଦଘାଟନ କରି ସରକାର ଲୋକ କଳା ର ବିକାଶ ଓ ଉନ୍ନତି ନେଇ ସର୍ବଦା ସହଯୋଗ କରୁଥିବା କହିଥିଲେ । ସମ୍ମାନିତ ଅତିଥି ଭାବେ , ବିଶିଷ୍ଟ ପ୍ରହ୍ଲାଦ ନାଟକ ଗୁରୁ ପଦ୍ମଶ୍ରୀ ସୀମାଂଚଳ ପାତ୍ର, ନାଟ୍ୟଶ୍ରୀ ଫାଉଣ୍ଡେସନ ଅଧକ୍ଷ ଭବାନୀ ଶଙ୍କର ମିଶ୍ର , ସଂସ୍କାର ଭାରତୀ ର ରାଜ୍ୟ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା ସଙ୍ଗୀତ ନାଟକ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ଶ୍ରୀ ଜଗଦୀଶ ପାଣିଗ୍ରାହି ପ୍ରମୁଖ ଯୋଗ ଦେଇ ବ୍ରହ୍ମପୁର ରେ ପ୍ରଥମ ଥର ଲାଗି ଏପରି ଲୋକ କଳା ମହୋତ୍ସବ ଆୟୋଜନ କରାଯାଉଥିବାରୁ ଖୁସି ପ୍ରକଟ କରିଥିଲେ । ଓଡ଼ିଶା ନାଟକ ସମାରୋହ ସମିତି ସଭାପତି ଅନିଲ କୁମାର ପାତ୍ର ସାଧାରଣ ସଂପାଦକ ନାରାୟଣ ମହାକୁଡ଼ , କଳାପ୍ରେମୀ ଆଲକ ବିଶୋଇ ସହଯୋଗ କରିଥିଲେ । ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଂଘ ର କାର୍ଯ୍ୟକାରି ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ସଂସ୍କାର ଭାରତୀ ର ଅଜିତ୍ କୁମାର ମୁନୀ ସମେତ ବହୁ କର୍ମକର୍ତା ଏହି ଅବସରରେ ଉପସ୍ଥିତ ଥିଲେ ।ଏକାଡେମୀ ର ବରିଷ୍ଟ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ, ମଂଚ ପରିଚାଳକ କାର୍ତିକ ପାଣିଗ୍ରାହି ଓ ଶୁଶ୍ରୀ ସାଗରିକା ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଚାଳକ କରିଥିବା ବେଳେ ବୈଠକରେ କୈଳାଶ ପାଣିଗ୍ରାହୀ, ଆରତୀ ପାତ୍ର, କୁନି ପଣ୍ଡା, ହରିଶ୍ଚନ୍ଦ୍ର ବରାଡ , ସୁଦାମ ପଟନାୟକ,କୃଷ୍ଣ ପଣ୍ଡା , ଅଭିରାମ ରାଉଳ , ବଳଦେବ ସାହୁ, ମୃତଞ୍ଜୟ ତ୍ରିପାଠୀ, ସରୋଜ ପଣ୍ଡା, ଅଶକ ପାତ୍ର,ଗୋପାଳ ପଟ୍ଟନାୟକ,ସୁନୀଲ ସ୍ୱାଇଁ, ସୁଦୀପ କୁମାର୍ ସାହୁ ଙ୍କ ସମେତ ବହୁ କଳାପ୍ରେମୀ ଏଠାରେ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ଗୋକୁଳାନନ୍ଦ ପ୍ରଧାନ ଓ ସେଥି ,ଗଞ୍ଜାମଙ୍କ ଦ୍ୱାରା ପ୍ରହ୍ଲାଦ ନାଟକ, ପ୍ରଶାନ୍ତ ପ୍ରଧାନ ଓ ସାଥୀ ଙ୍କ ଦ୍ୱାରା କୃଷ୍ଣ ଲୀଳା, ନବରଙ୍ଗପୁର ସାଇମନ ବିଡିକା ଓ ସାଥୀଙ୍କ ଦ୍ୱାରା ଦେଶିଆ ନାଟକ ପରିବେଷଣ ହୋଇଥିଲା । ସମସ୍ତ ଅତିଥି ଓ କଳାକାର ମାନଙ୍କୁ ଏଠାରେ ସମ୍ମାନିତ କରାଯାଇଥିଲା । ୧୯ ତାରିଖରେ ବୌଦ୍ଧ ର ଶ୍ରୀ ରାମଲୀଳା ନାଟ୍ୟ ସଂସଦ ତରଫରୁ ରାମଲୀଳା, ଛତ୍ରପୁର ମା ସନ୍ତୋଷୀ ଲୋକ ନାଟ୍ୟ ସଂସଦ ତରଫରୁ ରାଧା ପ୍ରେମ ଲୀଳା, ଭଦ୍ରକ ସଙ୍କେତ କଲ୍ଚରାଲ ଆସୋସିଏସନ୍ ତରଫରୁ ମୋଗଲ ତାମସା, ଏବଂ ଅନ୍ତିମ ଦିବସ ୨୦ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ବାଣୀ କ୍ଷେତ୍ର ନାଟ୍ୟ ପରିଷଦ ତରଫରୁ ଗୀତି ନାଟ୍ୟ, ଗଞ୍ଜାମ ଶ୍ରୀ ଶ୍ରୀ ମା ଦେବୀ ନାଟ୍ୟ କଳା ସାଂସଦ ତରଫରୁ ଭାରତ ଲୀଳା ଓ ଗଜପତି ସଙ୍କଟ ତାରିଣୀ ନାଟ୍ୟ କଳା ସଂସଦ ତରଫରୁ ଭୂତକେଳି ପରିବେଶଣ କରାଯିବ ବୋଲି ଏଠାରେ କୁହାଯାଇଥିଲା ।

# ଏଲ୍ଏନ୍ କଲେଜରେ ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଆଇନ ସଚେତନତା କର୍ମଶାଳା



ଝାରସୁଗୁଡ଼ା,(ନି.ପ୍ର.): ସ୍ଥାନୀୟ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡଖଝଇ), ଝାରସୁଗୁଡ଼ାର ସହଯୋଗରେ ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠ ତରଫରୁ ଚଙ୍ଝଐ ଓ ଚଙଉଝଙ ଆଇନ ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା ।ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ସଂଯୋଜିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସ୍ୱାଗତ ଓ ଅଭିଭାଷଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଡ. ସୁମନ୍ତ କୁମାର ପଟେଲ ଉଦ୍ ?ଘାଟନୀ ଅଭିଭାଷଣରେ ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଯୁବବର୍ଗଙ୍କ ମଧ୍ୟରେ ଆଇନଗତ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ।ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ାର ସଚିବା ଶ୍ରୀମତୀ ଆଲୋକମୟୀ ପ୍ରଧାନ ଛାତ୍ରଛାତ୍ରୀମାନେ ଆଇନ ଓ ନିଜର ଅଧିକାର ସମ୍ପର୍କରେ ଜ୍ଞାନ ଆହରଣ କରି ସଶକ୍ତ ହେବା ଆବଶ୍ୟକ ବୋଲି କହିଥିଲେ । ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଓଉଉ)ର ସଂଯୋଜିକା ଶ୍ରୀମତୀ ପୂର୍ଣ୍ଣିମା ମୟୀ ଦାଶ କମିଟିର କାର୍ଯ୍ୟପ୍ରଣାଳୀ, ନିୟମାବଳୀ ଓ ଅଭିଯୋଗ ନିବାରଣ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ।ଝାରସୁଗୁଡ଼ା ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ଅଶ୍ୱିନୀ କୁମାର ନାଏକ ଏବଂ ମୁଖ୍ୟ ଆଇନ ସହାୟତା ପ୍ରତିରକ୍ଷା ଆଇନଜୀବୀ ସୁଶ୍ରୀ ସାଜଦା ବେଗମ୍ ନାଗରିକଙ୍କ ଆଇନଗତ ଅଧିକାର ଓ କର୍ତବ୍ୟ, ଲିଙ୍ଗ ସମ୍ବେଦନଶୀଳତା ଏବଂ ଉପଲବ୍ଧ ମାଗଣା ଆଇନ ସହାୟତା ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ।କାର୍ଯ୍ୟକ୍ରମ ଶେଷରେ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ସହ-ସଂଯୋଜିକା ଶ୍ରୀମତୀ ପୂଜା ଶାହ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାରେ ୨୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ । ଏହି ଅବସରରେ ପୂର୍ବତନ ଅଧକ୍ଷା ଡ. ଗୀତାରାଣୀ ଦୀକ୍ଷିତ, ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ବ୍ରଜେଶ କୁମାର ସାହୁ, ଶଜଉ କାଉନ୍ ?ସେଲର ଡ. ମନୀଷ କୁମାର ଦ୍ୱିବେଦୀ, ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ସହ-ସଂଯୋଜିକା ଡ. ବିଶାଖା ସିଙ୍ଘାନିଆ, ମହିଳା ବିକାଶ ଓ ଲିଙ୍ଗ ସମ୍ବେଦନଶୀଳତା ପ୍ରକୋଷ୍ଠ ଏବଂ ଯୌନ ଉତ୍ପୀଡ଼ନ ନିରୋଧ ପ୍ରକୋଷ୍ଠର ସଦସ୍ୟମାନେ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏବଂ ଶକ୍ତିଶ୍ରୀ ସଶକ୍ତିକରଣ ପ୍ରକୋଷ୍ଠର ଛାତ୍ର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ବନ୍ୟା ବିପନ୍ନଙ୍କ ପାଖରେ ସାହାରା ହୋଇ ଠିଆ ହେଲେ ସାମାଜିକ କର୍ମୀ ସୁମନ୍ତ ଜେନା

## ବସ୍ତା ଓ ସଦର ବ୍ଲକର ପ୍ରଭାବିତ ପରିବାରଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଂଟନ



ବାଲେଶ୍ୱର,(ନି.ପ୍ର.): ଲଗାଣ ବର୍ଷା ଯୋଗୁଁ ଜଳକା ନଦୀରେ ବଢ଼ ବନ୍ୟା ଦେଖାଦେବାରୁ ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକର ବିଭିନ୍ନ ଅଂଚଳରେ ଜନଜୀବନ ଓ ଜୀବିକା ପ୍ରଭାବିତ ହୋଇଛି । ବହୁ ପରିବାରଙ୍କ ଘରେ ବନ୍ୟାଜଳ ପଶିଯିବା ସହ ରୋଷେଇ ଓ ଖାଦ୍ୟପେୟ ଭଳି ମୌଳିକ ସମସ୍ୟା ସୃଷ୍ଟି ହୋଇଛି ।ଏଭଳି ଦୁର୍ଦ୍ଦିନରେ ବନ୍ୟା ବିପନ୍ନଙ୍କ ପାଖରେ ବିପଦର ବନ୍ଧୁ ଭାବେ ଠିଆ ହୋଇଛନ୍ତି ପ୍ରକୃତିବନ୍ଧୁ ତଥା ପରିବେଶବିତ୍ ଓ ସାମାଜିକ କର୍ମୀ ସୁମନ୍ତ କୁମାର ଜେନା । ନିଜସ୍ୱ ଉଦ୍ୟମରେ ସେ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ମାନବିକତାର ପରିଚୟ ଦେଇଛନ୍ତି ।ଶ୍ରୀ ଜେନାଙ୍କ ଉଦ୍ୟମରେ ବସ୍ତା ବ୍ଲକର ବାହାର୍ଦା, କୁଢ଼ିଆ, ବାସୁଚକୁରୀ ଓ ଦୁଧହଂସା ପଂଚାୟତ ସମେତ ସଦର ବ୍ଲକର ରସୁଲପୁର, ଶ୍ରୀରାମପୁର, କୁରାଢ଼ିହା ଓ ସାର୍ଥା ପଂଚାୟତର ବନ୍ୟା ପ୍ରଭାବିତ ପରିବାରଙ୍କୁ ଖାଦ୍ୟ ସହାୟତା ବଂଟନ କରାଯାଇଥିଲା ।ଏହି ସେବା କାର୍ଯ୍ୟରେ ଶ୍ରୀ ଜେନାଙ୍କ ନେତୃତ୍ୱରେ ସାମାଜିକ କର୍ମୀ ସୁଜିତ୍ ନାୟକ, ଯୁବ ସମାଜସେବୀ ରାଜେଶ କୁମାର ଗିରି, ସେକ୍ ଜଗୁ, ସମାଜସେବୀ ଗଣେଶ ପାଢ଼ୀ ଏବଂ ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟିର ସଦସ୍ୟମାନେ ସହଯୋଗ କରିଥିଲେ ।ବନ୍ୟାରେ ଅସହାୟ ହୋଇପଡ଼ିଥିବା ପରିବାରଙ୍କ ପାଖରେ ଏଭଳି ସହାୟତା ପହଂଚାଇଥିବାରୁ ସୁମନ୍ତ କୁମାର ଜେନାଙ୍କ ମାନବିକ ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସା କରାଯାଇଛି ।

# ସ୍ୱାୟତ ଶାସନ ଲାଗି ସଙ୍ଗୀତ ପ୍ରତିଯୋଗିତା

ବ୍ରହ୍ମପୁର (ନି.ପ୍ର.): ବ୍ରହ୍ମପୁର ମହାନଗର ନିଗମ ତରଫରୁ ଅଗଷ୍ଟ ୩୧ ତାରିଖ ରେ ସ୍ୱାୟତ ଶାସନ ଦିବସ ପାଳନ କରାଯିବ ।ଏହି ପରିପେକ୍ଷୀରେ ମହାନ୍ ଗର ର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବହୁ ପ୍ରତି ଯୋଗିତା ଆୟୋଜିତ୍ ହେଉଅଛି ।ନିଗମ ସମ୍ମିଳନୀ କକ୍ଷରେ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଚାରକ ରୂପେ ସଙ୍ଗୀତ ନିର୍ଦ୍ଦେଶକ ଅଶ୍ୱିନୀ ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ତଥା କଣ୍ଠ ଶିଳ୍ପୀ ସୁଦୀପ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।ଡେପୁଟୀ ମେୟର ଇ ବିବେକ ରେଡ୍ଡୀ,ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ସହକାରୀ କମିଶନର ବିଶାଲ ଗୌରବ ମଲିକ୍ ଙ୍କ ସମେତ ଜୟଶ୍ରୀ ପାଣିଗ୍ରାହୀ, କବିତା ରାଣୀ ପାତ୍ର, ଗୀତାଞ୍ଜଳି ସାମନ୍ତରାୟ, ସ୍ମିତା ଦାସ,ସୋନମ ମାଝୀ, ସ୍ନେହଲତା ମହାରଣା,ସୁଶ୍ରୀ ରଣା ଓ ଦ୍ୱାରିକାନାଥ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ଜୁନିଅର ଓ ସିନିୟର୍ ବିଭାଗ ରେ ଏପରି ସଙ୍ଗୀତ ପ୍ରତି ଯୋଗିତା ଅନୁଷ୍ଠିତ ହୋଇଥିଲା ।ଏହି ପ୍ରତିଯୋଗିତାର କୃତୀ ପ୍ରତି ଯୋଗୀ ମାନଙ୍କ ନାମ ଶେଷରେ ଘୋଷଣା କରାଯାଇଥିଲା । ଆଗାମୀ ସ୍ୱାୟତ ଶାସନ ଦିବସରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ମହାନଗର ନିଗମ ତରଫରୁ ସୂଚନା ଦିଆଯାଇଛି ।



# କଳା ପଲସରରେ ଆସିଲେ ଭୁଜାଲି ଦେଖାଇ ଲୁଟି ନେଲେ ନଗଦ ୩୫ହଜାର ଟଙ୍କା ସାଙ୍ଗକୁ ଦେଢ଼ ଭରି ସୁନା ହାର

ଜଳେଶ୍ୱର (ନି.ପ୍ର ) ଜଳେଶ୍ୱର ଥାନା ଅନ୍ତର୍ଗତ ବର୍ତନା ଗ୍ରାମ ପଂଚାୟତ ଅନ୍ତର୍ଗତ ଖରିଦା ଗ୍ରାମର ଜାମିନୀକାନ୍ତ ମହାନ୍ତିଙ୍କ ପୁତ୍ରକୁଳମଣୀ ମହାନ୍ତି ଛମୌଜ ସ୍ଥିତ ବ୍ୟାଙ୍କ ଛକରେ ଆମ୍ଭର ଏକ ମେଡ଼ିସିନ ଦୋକାନ ରହିଅଛି । ଉକ୍ତ ମେଡ଼ିସିନ ଦୋକାନରେ ଗତ ମଙ୍ଗଳବାର ବିକ୍ରୟ ହୋଇଥିବା ନଗଦ ଟ.୩୫,ହଜାର ଟଙ୍କା ନିଜଙଉ୦୧ଇତ୨୯୨୫ ଡ଼ିକିରେ ରଖି ରାତି ଆନୁମାନିକ ୯.୩୦ ସମୟରେ ଖରିଦା ସିସୁ ନିଜ ଘରକୁ ଫେରୁଥିବା ବେଳେ ସରସିଦା-ଖରିଦା ମଝି ରାସ୍ତା ବିଲପୋଖରିଆ ରାସ୍ତା ନିକଟରେ ୨ଟି କଳା ପଲସର ରେ ୬ଜଣ ଗାମୁଛାରେ ମୁହଁ ଲୁଚାଇଥିବା ବ୍ୟକ୍ତି ଆସି ଗାଡ଼ିକୁ ଅଟକାଇ ଭୁଜାଲି ଦେଖାଇ ଜୀବନରୁ ମାରିଦେବାର ଧମକଦେବା ସହିତ, ଚାପୁଡ଼ା ,ଗୋଇଠାମାରି ତାଙ୍କ ପାଖରେ ଦେଢ଼ ଭରିର ସୁନାହାର, ମୋବାଇଲ, ରୂପା ବ୍ରେସଲେଟ ଓ ନଗଦ ଟଙ୍କା ଛଡାଇ ନେଇଥିଲେ ସୁନାହାର ଛଡ଼େଇ ନେବା ସମୟରେ ବାମପାଖ ବେକରେ ଜୋରରେ ଆଘାତ ଦେଇ ସେଠାରୁ ଚମ୍ପଟ ମାରିଥିଲେ ଯାହାକୁ ନେଇ ଶ୍ରୀ ମହାନ୍ତି ଚିକସା ହେବାପରେ ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ନ୍ୟାୟ ଭିକ୍ଷା କରିଛନ୍ତି ,ଜଳେଶ୍ୱର ଅଂଚଳରେ ଦିନକୁ ଦିନ ଚୋରି, ଡ଼ କାୟତି ମୋଢ଼ର ପରି ଦର୍ତବ୍ୟ ଅପରାଧ ବଢ଼ିବାରେ ଲାଗିଛି ଯାହାକୁ ନେଇ ଲୋକଙ୍କ ମନରେ ଏକ ପ୍ରକାର ଭୟର ବାତା ବରଣ ଖେଳି ଯାଇଛି ଦେଖିବାକୁ ବାକି ରହିଲା ପୋଲିସ ଏ ଦିଗରେ କେବେ ସଫଳତା ପାଉଛି ।

# ଜାତୀୟ ସଙ୍ଗୀତରେ ଆଦର୍ଶ ବିଦ୍ୟାଳୟ ପ୍ରଥମ



ନୀଳଗିରି ,(ନି.ପ୍ର) :ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଜାତୀୟ ସଂଗୀତ ରେ ବିଭିନ୍ନ ବିଦ୍ୟାଳୟକୁ ନେଇ ନାଚ ପ୍ରତିଯୋଗିତା ହୋଇଥିଲା କ୍ଷ ଏହି ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମାନେ ପ୍ରଥମ ପୁରସ୍କାର ପାଇଛନ୍ତି କ୍ଷ ଏହି ଗ୍ରୁପ ୧୧ଜଣିଆ ଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଦ୍ୟାଳୟର ନାଚ ଶିକ୍ଷକ ଲମ୍ବୋଦର ମହାରଣା ଛାତ୍ରୀ ଅଭିପ୍ସା ନନ୍ଦ, ଏଞ୍ଜିଲିନା ଜେନା, ପ୍ରତ୍ୟାଶା ଭୋଇ, ପ୍ରତ୍ୟାଶା ସ୍ୱାଇଁ, ସାଇଦିପ୍ସା ପାଣିଗ୍ରାହୀ, ଜାଗୃତିମାଝୀ,ବିଜୟ ଲକ୍ଷ୍ମୀ, ଦିବ୍ୟାସା ମହାପାତ୍ର,ଅଧୁସ୍ମିତା, ତନୁଶ୍ରୀ ଓ ଦିବ୍ୟାଙ୍ଗଶି ସଲ ଙ୍କୁ ପ୍ରସ୍ତୁତି କରିଥିଲେ ।ଛାତ୍ରୀଙ୍କ ଏପରି ସଫଳତା ପାଇଁ ସ୍କୁଲ ର ଅଧକ୍ଷ ହେମନ୍ତ ମଣ୍ଡଳ ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ବିପିସିଏଲର ଭାରତ ଗ୍ୟାସ୍ ଲାଇଟଜିପ୍‌ର ଉଦ୍‌ଘାଟନ




ନୀଳଗିରି, (ନି.ପ୍ର) ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ ପକ୍ଷରୁ ନୀଳଗିରି ସହରରେ ଥିବା ମା ମହାଲକ୍ଷ୍ମୀ ଭାରତ ଗ୍ୟାସ୍ କାର୍ଯ୍ୟାଳୟରେ ଭାରତ ଗ୍ୟାସ୍ ଲାଇଟ୍ ଜିପ୍ କାର୍ଯ୍ୟକ୍ରମ ଉଦ୍ଘାଟନ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ନୀଳଗିରି ଭାରପ୍ରାପ୍ତ ତହସିଲଦାର ତଥା ଅତିରିକ୍ତ ତହସିଲଦାର ସୁଶ୍ରୀ ଶୁଭଶ୍ରୀ ଜେନା, ସମ୍ମାନିତ ଅତିଥି ଭାବେ ଯୋଗାଣ ଅଧିକାରୀଣି ସୁଶ୍ରୀ ବିଦ୍ୟୁଲତା ନାୟକ, ଏମ୍. ଆଇ. ରାଜଶ୍ରୀ ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଚିନ୍ତାମଣି ରାଉତ ଉପସ୍ଥିତ ଥିଲେ । ବିପିସିଏଲ ର ମ୍ୟାନେଜର ପ୍ରସନ୍ନ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଭାରତ ଗ୍ୟାସ୍ ଲାଇଟ୍ ଜିପ୍ ଟାଙ୍କି ଟି ସମ୍ପୂର୍ଣ ଭାବେ ପ୍ଲାଷ୍ଟିକ କୋଟେଡ । ସହଜରେ ଗ୍ରାହକ ଗୋଟାଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ପାରିବ । ତୁରନ୍ତ ଡେଲିଭରୀ ସହିତ ଯେକୌଣସି ଆଧାର କାର୍ଡ କିମ୍ବା ବିଦ୍ୟୁତ ବିଲ୍, କିମ୍ବା ଭୋଟର କାର୍ଡ ଦେଇ ୧୦ଲିଟର ବିଶିଷ୍ଟ ଉକ୍ତ ସିଲିଣ୍ଡର୍ ଟାଙ୍କୀ ନେଇ ପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ମୁଖ୍ୟ ଅତିଥି ନିଜ ଅଭିଭାଷଣରେ ଏହି ଭାରତ ଗ୍ୟାସ୍ ଲାଇଟ୍ ଜିପ୍ ଭାରତବର୍ଷରେ ଅନେକ ରାଜ୍ୟରେ ଲଂଚ ହୋଇଥିବା ବେଳେ ନୀଳଗିରି ଉପଖଣ୍ଡରେ ଆଜି ତାହାର ଶୁଭ ଉଦ୍ଘାଟନ ହୋଇଛି । ଏହି ସିଲିଣ୍ଡର୍ ଗ୍ରାହକ ମାନଙ୍କର ଅଭାବିକୁ ଦୂର କରିବା ସହ ତୁରନ୍ତ ଗ୍ରାହକଙ୍କ ଘରେ ପହଂଚି ପାରିବ ବୋଲି ପ୍ରକାଶ କରିଥିଲେ । ଏହା ଏକ ଭାରତ ସରକାରଙ୍କ ସଫଳ ରୂପାୟନ ଏବଂ ଅତି ସହଜରେ ବିନା କଷ୍ଟରେ ଦୂର ଦୂରାନ୍ତରେ ରହୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ବିନୋଦ ବିହାରୀ ପଣ୍ଡା ସୂଚନା ଦେଇଥିଲେ । କିଛି ଦିନ ପୂର୍ବରୁ ଗ୍ୟାସ୍ ସିଲିଣ୍ଡର୍ ର ଅଭାବ ଦେଖିବାକୁ ମିଳିଥିବା ବେଳେ ଗ୍ରାହକ ମାନେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥିଲେ । ମାସକୁ ଗୋଟାଏ ସିଲିଣ୍ଡର୍ ନେବାକୁ ପଡୁଥିଲା ଗ୍ରାହକମାନଙ୍କୁ । ମାତ୍ର ଭାରତ ଗ୍ୟାସ୍ ଲାଇଟ୍ ଜିପ୍ ସିଲିଣ୍ଡର୍ ଆସିବା ଯୋଗୁ ଗ୍ରାହକ ମାନେ ଅତି ସହଜରେ ବୁକ୍ କରିପାରିବେ ବୋଲି ଯୋଗାଣ ଅଧିକାରିଣୀ ବିଦ୍ୟୁଲତା ନାୟକ ଓ ଏମ୍. ଆଇ. ରାଜଶ୍ରୀ ପଣ୍ଡା ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ଚିନ୍ତାମଣି ରାଉତ ଏହି ସିଲିଣ୍ଡର୍ ଆସିବା ପରେ ବହୁବିଧ କ୍ଷେତ୍ରରେ ସାହାଯ୍ୟ କରି ପାରିବ ବୋଲି ପ୍ରକାଶ କରିଥିଲେ । ନୀଳଗିରି ଭାରତ ଗ୍ୟାସ୍ କାର୍ଯ୍ୟାଳୟ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଶତପଥୀ ଉପସ୍ଥିତ ରହି ଏହି ସିଲିଣ୍ଡର୍ ଉନ୍ନତ ସୁରକ୍ଷା, ଆଧୁନିକ ଆକର୍ଷଣୀୟ ଡିଜାଇନ୍, ଜଙ୍ଗ ମୁକ୍ତ, ଗ୍ୟାସ୍ ସ୍ତରର ଦୃଶ୍ୟତା, ସହ ଅର୍ଡର ର ୪ଘଂଟା ଭିତରେ ହୋମ୍ ଡେଲିଭରୀ କରାଯିବାର ବ୍ୟବସ୍ଥା ରହିଛି ବୋଲି ପ୍ରକାଶ କରିଥିଲେ । ବାଲେଶ୍ୱର, ରେମୁଣ, ଖନ୍ତାପଡ଼ାର ଗ୍ୟାସ ପ୍ରୋପାଇର ଉପସ୍ଥିତ ଥିଲେ । ପ୍ରୋପାଇଟର ବିଜୟ ମହାରଣା ଗ୍ରାହକ ମାନଙ୍କର ସହଯୋଗ ଲୋଡ଼ିବା ସହ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୋରରେ ଗୁଟୁଖା ବିକ୍ରି ଦୋକାନରେ ଚଢ଼ାଉ

ସୋର,(ନି.ପ୍ର.) ଜିଲା ଡଗ୍ସ ବିଭାଗ ତରଫରୁ ସୋରରେ ବିଭିନ୍ନ ପାନ ଦୋକାନରେ ଗୁଟୁକା ବିକ୍ରି ଅଭିଯୋଗରେ ଚଢ଼ାଉ କରାଯାଇଥିବା ବେଳେ କିଛି ଔଷଧ ଦୋକାନ ରେ ଔଷଧ ର ମାନ ଯାଂଚ କରାଯାଇଛି ।ସୂଚନାଯୋଗ୍ୟ ଆଜି ସକାଳ ୧୦ ଘଟିକା ସମୟରେ ବାଲେଶ୍ୱର ଡଗ୍ସ ଇନିକ୍ସପେକ୍ଟର ମୋନାଲିସା ମଲ୍ଲିକ,ଜୁନିଅର ଆସିଷ୍ଟାଂଟ ବିନୟ କୁମାର ମହାନ୍ତିଙ୍କୁ ନେଇ ଦୁଇ ଜଣିଆ ଟିମ୍ ଉତରେଶ୍ୱର ନିକଟରେ



ଥିବା କିଛି ପାନ ଦୋକାନ ସହ ଅନ୍ୟାନ୍ୟ ସ୍ଥାନରେ ଗୁଟୁକା ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରିଥିଲେ । ଏହି ସମୟରେ ମୋଟ୍ ୧୧ଟି ଦୋକାନରୁ ଗୁଟୁକା ରଖିବା ଏବଂ ବିକ୍ରି କରିବା ଅଭିଯୋଗ ରେ ୧୮୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ସେହିପରି ଉତରେଶ୍ୱର ଥିବା ଜୟ ମା ଦୁର୍ଗା ମେଡିସିନ ଷ୍ଟୋର,ଆଶ୍ରମ ଛକରେ ଥିବା ସାଇ ମେଡିକାଲ ଷ୍ଟୋର, କମାଣପୁରରେ ଥିବା ତୁଳସୀ ଭବନ ସହ କଲେଜ୍ ଛକରେ ଥିବା ମେଡିସିନ ଦୋକାନ ଗୁଡ଼ିକରେ ବିକ୍ରୟ ପାଇଁ ରଖାଯାଇଥିବା ଔଷଧ ଗୁଡ଼ିକ ଯାଂଚ କରାଯାଇଥିଲା । କିଛି ଔଷଧ ଗୁଡ଼ିକର ମାନ ଓ ଗୁଣବତା ଯାଂଚ କରିବା ପାଇଁ ପରୀକ୍ଷାଗାରକୁ ପଠା ଯାଇଛି ବୋଲି ସୂଚନା ମିଳିଛି ।ଚଡାଉ ଖବର ପାଇ କିଛି ପାନ ଦୋକାନ, ଦୋକାନ ବନ୍ଦ କରିଦେଇଥିବା ଦେଖିବାକୁ ମିଳିଥିଲା ।

# ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ



ସିମୁଳିଆ,(ନି.ପ୍ର.)- ସିମୁଳିଆ, ଅନ୍ୟ ଦଳର ଶତାଧିକ କର୍ମୀ ବିଜେପି ଦଳର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଜେପି ଦଳରେ ମିଶିଥିବା ଜଣାଯାଇଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ପୁରୁଷୋତମପୁର ପଂଚାୟତର ରଘୁନାଥପୁର ଅଂଚଳର ମୁସଲିମ ସାମ୍ପ୍ରଦାୟର ବ୍ୟକ୍ତି ମାନେ ଦୀର୍ଘ ଦିନ ହେବ ଅବହେଳିତ ହୋଇ ଆସୁଥିଲେ କ୍ଷ ଆଜି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ବାସଭବନରେ ପହଂଚି ଅଂଚଳରେ ସମସ୍ୟା ସମ୍ପର୍କରେ ଜଣାଇଥିଲେ । ମୁଖ୍ୟତଃ ରଘୁନାଥପୁରରୁ ପଣସପଦୀ ୩କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତା ନୂତନ ରାସ୍ତା ନିର୍ମାଣ ନିମନ୍ତେ ପ୍ରତିଶୃତି ଦେବାପରେ ଶତାଧିକ ବ୍ୟକ୍ତି ବିଜେପିରେ ମିଶିବାକୁ ଆଗ୍ରହ ପ୍ରକାଶ କରିଥିଲେ । ବିଧାୟକ ଶ୍ରୀ ପଣ୍ଡା ବିଜେପିରେ ମିଶ୍ରଣ ବ୍ୟକ୍ତିଙ୍କୁ ବେଜେପି ଉତରୀୟ ପିନ୍ଧାଇ ମିଠା ଖୁଆଇ ଦଳରେ ସାମିଲ କରିଥିଲେ । ବିଜେପି ମାଇନର କମିଟିର ବ୍ଲକ ସଭାପତି ମିର ସାଧବଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଆଜି ବିଜେପିରେ ମିଶିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବାଲିଖଣ୍ଡ ମଣ୍ଡଳ ସଭାପତି ରଘୁନନ୍ଦନ ମିଶ୍ର, ମିର ଓ୍ୱାସକ ଅଲି,ନଟବର ମହାନ୍ତି, ପଂଚାୟତ ସଭାପତି ବିଜୟ ଦାସ, ସୁଦାମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଉପଖଣ୍ଡ ପୋଲିସ ଅଧିକାରୀ ସାମ୍ବାଦିକମାନଙ୍କ ସହିତ ଆଲୋଚନା

ଉଦଳା(ନି.ପ୍ର.)ଗତକାଲି ସନ୍ଧ୍ୟା ସମୟରେ ଉଦଳା ଥାନା ପରିସରରେ ନୂତନ ଭାବେ ଯୋଗଦେଇ ଥିବା ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଉଦଳାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ସହିତ ଖୋଲାଖୋଲି ଆଲୋଚନା କରିଥିଲେ । ଆଲୋଚନାରେ ଉଦଳା ସହରରେ ନିଶା କାରବାର , ରାସ୍ତା ଉପରେ ଗାଡି ରଖି ରାସ୍ତା ଅବରୋଧ , ବଜାର ଭିତରେ ଦୃତ ବେଗରେ ଗାଡ଼ି ଚଳାଚଳ , ଭାରୀଯାନ ବଜାର ଭିତରେ ଚଳପ୍ରଚଳ ସହିତ ବିଭିନ୍ନ ପ୍ରକାରର ଅପରାଧକୁ ରୋକିବା ପାଇଁ ଚେଷ୍ଟା ଜାରି ରହିବ ବୋଲି ସୂଚନା ଦେଇଛନ୍ତି । ତତସହିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୋଲିସର ଭୂମିକା ଓ ଆଜିକାଲି ଘଟୁଥିବା ବିଭିନ୍ନ ପ୍ରକାରର ଅପରାଧକୁ ରୋକିବା ପାଇଁ ଜନତା , ଗଣମାଧ୍ୟମ ଓ ପୋଲିସର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ପ୍ରକାଶ କରିଥିଲେ । ଏଥିରେ ଉଦଳାର କାର୍ଯ୍ୟରତ ସାମ୍ବାଦିକ ଓ ଇଲେକ୍ଟ୍ରୋନିକ ମିଡିଆ ପ୍ରମୁଖ ଯୋଗ ଦେଇ ଥିଲେ ।




## ଲୋକଙ୍କୁ ପରୋପକାରୀ ହେବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି, ସବୁଦିନ ପରି, ସକାଳେ ଏକ୍ସ ହ୍ୟାଣ୍ଡେଲରେ ଏକ ସୁଭାଷିତ ସେୟାର କରି ଲୋକଙ୍କୁ ପରୋପକାରୀ



ହେବାକୁ ଆହ୍ୱାନ କରିଛନ୍ତି । ସେ କହିଥିଲେ ଯେ ଅନ୍ୟ ପ୍ରାଣୀମାନଙ୍କୁ ଯଥାସମ୍ଭବ ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ କରି ଜୀବନର ସମ୍ପୂର୍ଣ୍ଣ ଅର୍ଥ ପ୍ରମାଣିତ କରାଯାଇପାରିବ । ଏହି ସୁଭାସିତମ୍, ଅର୍ଥାତ୍, ସଂସ୍କୃତ ପଦ, ନିମ୍ନମତେ, 'ଏତ୍ୱଜନମାସଫାଲ୍ୟମ୍ ଦେହିନମିହ୍ ଦହିଶୁ' । ପ୍ରାଣରଥୀରାଥୀରା ଭାକମ୍ ଶ୍ରେୟା ଇଭାଚରେସ୍ୱଦା । 'ଏହା ଶ୍ରୀମଦ ଭାଗବତ ମହାପୂରନ (୧୦.୨୨.୩୫) ରୁ ନିଆଯାଇଛି । ଏହି ଶ୍ଳୋକରେ ମାନବ ଜନ୍ମର ସଫଳତାର ମନ୍ତ୍ର ରହିଛି ।

## ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋଗ୍ରାଫରମାନଙ୍କୁ ସମ୍ମାନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ବିଶ୍ୱ ଫଟୋଗ୍ରାଫି ଦିବସରେ ଫଟୋଗ୍ରାଫରମାନଙ୍କୁ ସମ୍ମାନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟ ସେୟାର କରି ସେ କହିଛନ୍ତି ଯେ, ଏକ ଫଟୋଗ୍ରାଫ୍ କେବଳ ଏକ ଫ୍ରେମ୍ ନୁହେଁ; ଏହା ଆମ ଲୋକ, ସ୍ଥାନ, ସଂସ୍କୃତି ଓ ଭାବନାର ଏକ ଚିରନ୍ତନ ପ୍ରତିଫଳନ । ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ, ଓଡ଼ିଶାର ସୌନ୍ଦର୍ଯ୍ୟ, ଐତିହ୍ୟ ଓ ପ୍ରେରଣାଦାୟକ କାହାଣୀଗୁଡ଼ିକୁ ପ୍ରତିଟି ମୁହୂର୍ତ୍ତରେ କ୍ୟାମେରାରେ କଏଦ କରୁଥିବା ଫଟୋଗ୍ରାଫରମାନଙ୍କୁ ଆସନ୍ତୁ ସମ୍ମାନ ଓ ଉତ୍ସବର ସହିତ ପାଳନ କରିବା ।







# ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ ଉନ୍ନୀତ କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବିହାରରେ ୨୨ ନମ୍ବର ଜାତୀୟ ରାଜପଥର ମୁଜାଫରପୁର-ସୀତାମଢ଼ୀ-ସୋନବର୍ଷା ସେକ୍ସନକୁ ୪-ଲେନ୍ ବିଶିଷ୍ଟ ମାନକକୁ ଉନ୍ନୀତ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ୮୨.୫୭୮ କିଲୋମିଟର ଦୈର୍ଘ୍ୟ ଏହି ପ୍ରକଳ୍ପ ହାଇବ୍ରିଡ୍ ଆନୁଇଟି ମୋଡରେ ମୋଟ ୩,୫୯୦.୭୩ କୋଟି ଟଙ୍କାର ବ୍ୟୟ ଅଟକଳରେ ନିର୍ମାଣ କରାଯିବ । ବିହାରର ସମ୍ପ୍ରସାରିତ ହେଉଥିବା ଜାତୀୟ ରାଜପଥ ନେଟୱାର୍କ ସହିତ ସଂଯୋଗ ଥିବା ଯୋଗୁଁ ଏହି ପ୍ରସ୍ତାବିତ ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଏବଂ ଅର୍ଥନୈତିକ ମହତ୍ୱ ରହିଛି । ଏହା ସୋନବର୍ଷାଠାରେ ଥିବା ଭାରତ-ନେପାଳ ସୀମାକୁ ଏନଏଚ୍-୨୭ (ପୂର୍ବ-ପଶ୍ଚିମ କରିଡର) ନିକଟସ୍ଥ ମୁଜାଫରପୁର ଭଳି ଅର୍ଥନୈତିକ କେନ୍ଦ୍ରଗୁଡ଼ିକ ସହିତ ଯୋଡୁଥିବା ଏକ ପ୍ରମୁଖ ଫିଡର କରିଡର ଭାବରେ କାର୍ଯ୍ୟ କରିବ । ଏହି ପ୍ରକଳ୍ପ ଦ୍ୱାରା ମୁଜାଫରପୁର, ମକ୍ସୁଦପୁର, ରୁନ୍ନି ସୈଦପୁର, ଥୁମ୍ମା, ଡୁମରା, ଭୁଟାହୀ ଏବଂ ସୋନବର୍ଷାର ଜନବହୁଳ ଅଂଚଳଗୁଡ଼ିକରେ ଟ୍ରାଫିକ୍ ଭିଡ଼ ଯଥେଷ୍ଟ ହ୍ରାସ ପାଇବ । ଏହି ପ୍ରକଳ୍ପ ଦ୍ୱାରା ଯାତ୍ରୀ ଏବଂ ମାଲପରିବହନ ଅଧିକ ଶୀଘ୍ର ଓ ସୁରକ୍ଷିତ ହୋଇପାରିବ, ଯାତ୍ରା ଦକ୍ଷତା ବୃଦ୍ଧି ପାଇବ ଏବଂ ଆଂଚଳିକ ସଂଯୋଗୀକରଣ ସୁଦୃଢ଼ ହେବ । ଏହାକୁ ଘ[।ପ୍ରତି ୧୦୦ କିମି ବେଗ ପାଇଁ ଡିଜାଇନ୍ କରାଯାଇଛି, ଓ ଯାନବାହାନଗୁଡ଼ିକର ହାରାହାରି ବେଗ ଘଂଟାପ୍ରତି ୮୦ କିମି ରହିବ । ଏହି ରାସ୍ତାର ଡିଭାଇଡରରେ କୌଣସି ସମତଳ ଖୋଲାସ୍ଥାନ ନଥିବାରୁ ଦ୍ରୁତ ଓ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ ହେବ । ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଅନୁଯାୟୀ ଯୋଜନା କରାଯାଇଥିବା ଏହି ପ୍ରକଳ୍ପ, ଶିଳ୍ପାଂଚଳ ଏବଂ ପ୍ରମୁଖ ରେଳ ଷ୍ଟେସନ ଭଳି ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ, ସାମାଜିକ ଓ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ସଂଯୋଗ କରି ମଲ୍ଟିମୋଡାଲ୍ ଏକତ୍ରୀକରଣକୁ ବୃଦ୍ଧି କରିବ । ଏହି ଉନ୍ନତ ସଂଯୋଗୀକରଣ ଦ୍ୱାରା ସାମଗ୍ରୀ ଏବଂ କୃଷି ଯୋଗାଣ ଶୃଙ୍ଖଳାର ଦକ୍ଷ ପରିବହନ ସହଜ ହେବ, ଆଂଚଳିକ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ ଏବଂ ବୌଦ୍ଧ ସର୍କିଟ୍ ଓ ସୀତାମଢ଼ୀର ଐତିହାସିକ ଜାନକୀ ପୁନୌରା ଧାମ ମନ୍ଦିର ଭଳି ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଓ ଧାର୍ମିକ ସ୍ଥଳଗୁଡ଼ିକୁ ସହଜ ଯାତାୟାତ ସୁବିଧା ଯୋଗାଇଦେବ । ଏନଏଚ-୨୨ର ମୁଜାଫରପୁର-ସୀତାମଢ଼ୀ-ସୋନବର୍ଷା ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଏବଂ ଅର୍ଥନୈତିକ ମହତ୍ୱ ରହିଛି, ଯାହା ଜାତୀୟ ମାଲପରିବହନ ଗ୍ରିଡ୍ ସହିତ ସହଜ ସଂଯୋଗ ନିଶ୍ଚିତ କରେ । ଏନଏଚ-୩୧ ଏବଂ ଏନଏଚ-୧୨୨ ଭଳି ବିଦ୍ୟମାନ କରିଡରଗୁଡ଼ିକ ସହିତ ଏହାର ଉତ୍ତମ ସମନ୍ୱୟ ବରୌନୀ ଭଳି ଶିଳ୍ପାଂଚଳ ଏବଂ ଗଙ୍ଗା ନଦୀ ଅବବାହିକାରେ ଥିବା ଲଜିଷ୍ଟିକ୍ସ ହବ୍ ଗୁଡ଼ିକୁ ସଂଯୋଗୀକରଣକୁ ବୃଦ୍ଧି କରିବ । ଏହା ନିକଟସ୍ଥ ଭିଟାମୋଡ଼ ସ୍ଥଳ ବନ୍ଦର ମାଧ୍ୟମରେ ସୀମାପାର ଯାତ୍ରୀ ଏବଂ କାର୍ଗୋ ପରିବହନକୁ ମଧ୍ୟ ସୁଦୃଢ଼ କରିବ । ଏହା ବ୍ୟତୀତ, ଯାନବାହନଗୁଡ଼ିକର ନିରବଚ୍ଛିନ୍ନ ଯାତାୟାତ ଏବଂ ସୁରକ୍ଷିତ, ଉଚ୍ଚ-ବେଗ ବିଶିଷ୍ଟ ଯାତ୍ରା ନିଶ୍ଚିତ କରିବା ପାଇଁ ଏହି ପ୍ରକଳ୍ପରେ ୭ଟି ବଡ଼ ପୋଲ (ବାଗମତୀ ନଦୀ ଉପରେ ୩୪୦ ମିଟର ଲମ୍ବର ଏକ ପ୍ରମୁଖ ପୋଲ ସମେତ), ୩ଟି ରେଲୱେ ଓଭର ବ୍ରିଜ୍ ଏବଂ ୨ଟି ଫ୍ଲାଇଓଭର ନିର୍ମାଣର ପ୍ରସ୍ତାବ ରହିଛି ।

# ୪୭ତମ ଶାରଳା ପୁରସ୍କାର ପାଇବେ ଡକ୍ଟର ଆଶୁତୋଷ ପରିଡ଼ା

ଭୁବନେଶ୍ୱର: ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍




(ଇମ୍ଫା)ର ସାମାଜିକ ଶାଖା 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବୁଲ ଟ୍ରଷ୍ଟ' (ଇମ୍ପାକ୍ଟ) ପକ୍ଷରୁ ପ୍ରତିବର୍ଷ ଶ୍ରେଷ୍ଠ ସାରସ୍ୱତ କୃତି ପାଇଁ ପ୍ରଦାନ କରାଯାଉଥିବା ସ୍ମାରକୀ 'ଶାରଳା ପୁରସ୍କାର' ଚଳିତ ବର୍ଷ ବିଶିଷ୍ଟ ଓଡ଼ିଆ କବି, ପ୍ରାବନ୍ଧିକ ତଥା ସିଏସଆଇଆର-ଆଇଏମଏମଟି ର ପୂର୍ବତନ ବୈଜ୍ଞାନିକ ଡକ୍ଟର ଆଶୁତୋଷ ପରିଡ଼ାଙ୍କୁ ପ୍ରଦାନ କରାଯିବ । ପ୍ରଭା ପବ୍ଲିକେଶନ ଦ୍ୱାରା ୨୦୨୪ ମସିହାରେ ପ୍ରକାଶିତ ତାଙ୍କର କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ସେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି । ଆସନ୍ତା ଅକ୍ଟୋବର ୨୫ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଲେଖକଙ୍କୁ ମାନପତ୍ର, ତାମ୍ରଫଳକ ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । ଏହି ବିଚାର ପ୍ରକ୍ରିୟାର ଚୂଡ଼ାନ୍ତ ପର୍ଯ୍ୟାୟକୁ ସ୍ଥାନ ପାଇଥିବା ସାତୋଟି ବହି ହେଉଛି- ଅପର୍ଣ୍ଣା ମହାନ୍ତିଙ୍କ 'ଅପର୍ଣ୍ଣା ମହାନ୍ତିଙ୍କ ପାଇଁ କବିତା', ପଦ୍ମଜା ପାଳଙ୍କ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ 'ବିଶ୍ୱାସ ଦେ ପୃଥିବୀ', ଅର୍ଚ୍ଚନା ନାୟକଙ୍କ 'ସୀତା', ବିଜୟ ନାୟକଙ୍କ 'ମାୟାବାର୍ତ୍ତା', ପ୍ରକାଶ ମହାପାତ୍ରଙ୍କ 'ମୋକ୍ଷ ମୁଦ୍ରା' ଏବଂ ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'କବିଙ୍କ ନାମ ବେଦବ୍ୟାସ' । ୨୦୨୬ ମସିହାର ଏହି ମନୋନୟନ ପ୍ରକ୍ରିୟାରେ କବିତା, ଗଳ୍ପ, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଏବଂ ନାଟକ ଭଳି ବିଭିନ୍ନ ବିଭାଗର ପୁସ୍ତକ ସାମିଲ ରହିଥିଲା, ଯାହା ଚଳିତ ବର୍ଷର ସାହିତ୍ୟିକ କୃତିର ବିବିଧତା ଓ ଗଭୀରତାକୁ ଦର୍ଶାଉଛି । ପୁସ୍ତକ ମନୋନୟନ କମିଟିରେ ଡକ୍ଟର ଇନ୍ଦିରା ଦାଶ, ଶ୍ରୀମତୀ ପ୍ରତୀକ୍ଷା ଜେନା, ଶ୍ରୀ ଅମିୟ ବେଜ, ଶ୍ରୀ ପ୍ରଦୀପ କୁମାର ପଣ୍ଡା ଏବଂ ଶ୍ରୀ ଅଭୟ ନାୟକ ସଦସ୍ୟ ଥିବାବେଳେ; ବିଚାରକ ମଣ୍ଡଳୀରେ ଡକ୍ଟର ସୁଚେତା ମିଶ୍ର, ଡକ୍ଟର ହୃଷୀକେଶ ମଲ୍ଲିକ, ଶ୍ରୀ ସଂଗ୍ରାମ ଜେନା, ଶ୍ରୀମତୀ ସ୍ୱପ୍ନା ମିଶ୍ର, ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ସରୋଜିନୀ ସାହୁ ଏବଂ ଶ୍ରୀ ଅଜୟ କୁମାର ମହାପାତ୍ର ସାମିଲ ଥିଲେ । ଏହା ବ୍ୟତୀତ, କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ 'ଇମ୍ପାକ୍ଟ' ପକ୍ଷରୁ ପ୍ରତିବର୍ଷ ପ୍ରଦାନ କରାଯାଉଥିବା 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୬ ବର୍ଷ ପାଇଁ ଘୋଷଣା କରାଯାଇଛି । ଓଡ଼ିଶୀ ନୃତ୍ୟ ଗୁରୁ ତଥା ପଦ୍ମଶ୍ରୀ ଦୁର୍ଗା ଚରଣ ରଣବୀର ଏବଂ ଭାସ୍କର ଓ କଳା ଶିକ୍ଷାବିତ୍ ଶ୍ରୀ ଦାମୋଦର ବେହେରାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯିବ । ଉଭୟଙ୍କୁ ମାନପତ୍ର, ତାମ୍ରଫଳକ ସହ ୨ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯିବ । ପ୍ରଦର୍ଶନୀ କଳା ପାଇଁ ଗୁରୁ ପୁଷ୍ପିତା ମିଶ୍ର, ଡକ୍ଟର ନାଜିଆ ଆଲାମ ଓ ସୁରମଣି ଅଭିରାମ ନନ୍ଦ ବିଚାରକ ଥିବା ବେଳେ ଦୃଶ୍ୟ କଳା ପାଇଁ ଶ୍ରୀମତୀ ପଂଚମୀ ମାନୁ ଉକିଲ, ଶ୍ରୀମତୀ ସଙ୍ଗୀତା ପଟ୍ଟନାୟକ ଏବଂ ଶ୍ରୀ ବୈଜୟନ୍ତ କୁମାର ଦାଶ ବିଚାରକ ଭାବେ ଚୟନ ପ୍ରକ୍ରିୟା ପରିଚାଳନା କରିଥିଲେ ।

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶାରଳା ପୁରସ୍କାର' ପାଇଁ ମନୋନୀତ ଡ. ଆଶୁତୋଷ ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇ ଲେଖିଛନ୍ତି, 'ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ୍ ଚାରିଟେବୁଲ୍ ଟ୍ରଷ୍ଟ' ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ କବି ତଥା ବୈଜ୍ଞାନିକ ଡ. ଆଶୁତୋଷ ପରିଡ଼ାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିବାରେ ଆପଣଙ୍କ ସାରସ୍ୱତ ସାଧନା ଅତୁଳନୀୟ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ସୁସ୍ଥ ଓ ଦୀର୍ଘ ସାରସ୍ୱତ ଜୀବନ କାମନା କରୁଛି ।

# ୟୁପି-ଜାପାନ ନିବେଶ ସମ୍ମିଳନୀରେ କୃଷି କ୍ଷେତ୍ରରେ ବୈଷୟିକ ସହଯୋଗ ବୃଦ୍ଧି ପାଇଁ ଆହ୍ୱାନ ଦେଲେ କେନ୍ଦ୍ର କୃଷି ମନ୍ତ୍ରୀ



ନୂଆଦିଲ୍ଲୀ : ଉତର ପ୍ରଦେଶ ଏବଂ ଜାପାନ ମଧ୍ୟରେ ପୁଞ୍ଜି ନିବେଶ, ପ୍ରଯୁକ୍ତି ବିଦ୍ୟା ଏବଂ ଶିକ୍ଷ ସହଯୋଗକୁ ଏକ ନୂତନ ଗତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଆୟୋଜିତ ୟୁପି-ଜାପାନ ନିବେଶ ସମ୍ମିଳନୀ-୨୦୨୬ରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଜାପାନୀ ପ୍ରଯୁକ୍ତି ବିଦ୍ୟା ଏବଂ କୃଷି କ୍ଷେତ୍ରରେ ବିଶେଷ ଜ୍ଞାନର ଲାଭ ଭାରତୀୟ କୃଷକମାନଙ୍କୁ ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ, ସେ ଉତର ପ୍ରଦେଶକୁ ଜାପାନୀ କମ୍ପାନୀଗୁଡ଼ିକ ଦ୍ୱାରା ନିବେଶ ପାଇଁ ଏକ ଶକ୍ତିଶାଳୀ ଗନ୍ତବ୍ୟସ୍ଥଳ ଭାବେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ ଭାରତ-ଜାପାନ ଭାଗିଦାରୀ କେବଳ ନିବେଶ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ, ବରଂ ଏହାର ଲାଭ କୃଷକ, ଯୁବକ ଏବଂ ଗ୍ରାମୀଣ ଅର୍ଥବ୍ୟବସ୍ଥା ପର୍ଯ୍ୟନ୍ତ ପହଂଚିବା ଉଚିତ । ଭାରତରେ ଏକ ବିଶାଳ ବଜାର, ଏକ ବୃହତ୍ ଯୁବ ଜନସଂଖ୍ୟା ଏବଂ କୃଷି କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି । ଏଭଳି ପରିସ୍ଥିତିରେ ଜାପାନ ସହିତ ବୈଷୟିକ ଏବଂ ଶିକ୍ଷ ସହଯୋଗ କୃଷି କ୍ଷେତ୍ରରେ ନୂତନ ସମ୍ଭାବନା ପାଇଁ ଦ୍ୱାର ଖୋଲି ପାରିବ । କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କ ପାଇଁ ମଧ୍ୟ ଉପଯୋଗୀ ଏବଂ ସହଜରେ ଉପଲବ୍ଧ ହେଉଥିବା ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରପାତି ବିକଶିତ କରିବା ଲାଗି ସେ ଜାପାନର ଉଦ୍ୟୋଗ ଏବଂ ଅନୁଷ୍ଠାନଗୁଡ଼ିକୁ ଅନୁରୋଧ କରିଥିଲେ । ଉଲ୍ଲେଖନୀୟ କଥା ହେଉଛି, ଅଗଷ୍ଟ ୧୮ ରୁ ୨୩ ପର୍ଯ୍ୟନ୍ତ ଉତର ପ୍ରଦେଶ ଏବଂ ଦିଲ୍ଲୀରେ ୟୁପି-ଜାପାନ ନିବେଶ ସମ୍ମିଳନୀ-୨୦୨୬ ଆୟୋଜନ କରାଯାଉଛି । ଏଥିରେ ୨୦୦ରୁ ଅଧିକ ଜାପାନୀ ଶିଳ୍ପପତି, ସିଇଓ, ବ୍ୟବସାୟିକ ପ୍ରତିନିଧି ଏବଂ ନୀତି ନିର୍ଦ୍ଧାରକ ଯୋଗ ଦେଉଛନ୍ତି । ୟୁପି-ଜାପାନ ନିବେଶ ବୈଠକ-୨୦୨୬ ଜାପାନୀ କମ୍ପାନୀଗୁଡ଼ିକ ପାଇଁ ଉନ୍ନତ ପ୍ରଯୁକ୍ତି, ସବୁଜ ହାଇଡ୍ରୋଜେନ୍, ଅକ୍ଷୟ ଶକ୍ତି, ବୈଦ୍ୟୁତିକ ଗତିଶୀଳତା, ସେମିକଣ୍ଡକ୍ଟର, ଅଟୋମୋବାଇଲ୍ ଉପାଦାନ, ଡିଜିଟାଲ୍ ଭିତିଭୂମି, ଦକ୍ଷତା ବିକାଶ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ପ୍ରଦାନ କରିଥାଏ ।

# ହୀରାକୁଦ ଡ୍ୟାମର ୧୭ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର : ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣର ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ ପାଇଁ ବୁଧବାର ପୂର୍ବାହ୍ନରେ ପୁଣିଥରେ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇଛି । ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବାମପାର୍ଶ୍ୱର ୧୧ ଓ ଦକ୍ଷିଣ ପାର୍ଶ୍ୱର ୬ଟି ମିଶି ମୋଟ୍ ୧୭ଟି ସ୍ଲୁଇସ୍ ଗେଟ୍ ଜରିଆରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି । ଅପରାହ୍ନ ସାଢ଼େ ୯ଟାରେ ପ୍ରାପ୍ତ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ୬୨୦.୩୫ ଫୁଟକୁ ବୃଦ୍ଧି ପାଇଥିବାବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୩ ଲକ୍ଷ ୭୯ ହଜାର ୭୬୧ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଛି । ସେହିପରି ଜଳଭଣ୍ଡାରରୁ ପ୍ରତି



ସେକେଣ୍ଡରେ ହାରାହାରି ମୋଟ୍ ୩ ଲକ୍ଷ ୫୪୬ ଘନଫୁଟ ଜଳ ନିଷ୍କାସିତ ହେଉଛି । ସେଥିମଧ୍ୟରୁ ୧୭ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୬୬ ହଜାର ୮୬୬ ଘନଫୁଟ ଏବଂ ବିଭିନ୍ନ କେନାଲ, ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲ ଓ ଶିଳ୍ପଭିତିକ ବ୍ୟବହାର ପାଇଁ ମୋଟ୍ ୩୩,୬୮୦ ଘନଫୁଟ ଜଳ ନିଷ୍କାସିତ ହେଉଛି ।

# ବ୍ୟବସାୟିକ ସଂସ୍କାରରେ ଆଇଟିଭିତିକ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ୨୦୨୬ ଏବଂ ଜିଲ୍ଲା ବ୍ୟବସାୟିକ ସଂସ୍କାର କାର୍ଯ୍ୟଯୋଜନା ୨୦୨୫-୨୬ ଅଧୀନରେ ଆଇଟିଭିତିକ ସଂସ୍କାରର କାର୍ଯ୍ୟାନ୍ୱୟନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଛି । ବୈଠକରେ ବିଭିନ୍ନ ବିଭାଗର ଅନଲାଇନ୍ ପୋର୍ଟାଲ, ପ୍ରଣାଳୀ ସମନ୍ୱୟ, ଏଂଟିଟି ଲକର୍ ସଂଯୋଜନ ଏବଂ ସାର୍ବଜନୀନ ଡ୍ୟାସବୋର୍ଡର ବିକାଶ ନେଇ ଅଗ୍ରଗତି ସମୀକ୍ଷା କରାଯାଇଥିଲା । ଅବଶିଷ୍ଟ ବୈଷୟିକ ତ୍ରୁଟି ଓ ଅଭାବକୁ ଏନଆଇସି , ଓକାକ୍ ଏବଂ ସିଷ୍ଟମ୍ ସମନ୍ୱୟକାରୀ ସଂସ୍ଥାଙ୍କ ସହଯୋଗରେ ଶୀଘ୍ର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଜି୨ବି ଓ ଜି୨ସି ସେବାଗୁଡ଼ିକୁ ଗୋସ୍ୱିଫ୍ଟ ଏବଂ ଓଡ଼ିଶା ୱାନ ସହ ସମନ୍ୱିତ କରିବା, ଆବେଦନର ସ୍ଥିତିକୁ ବାସ୍ତବ ସମୟରେ ଅଦ୍ୟତନ କରିବା ଏବଂ ଏଂଟିଟି ଲକର୍ ମାଧ୍ୟମରେ ଦଲିଲ ପୁନଃବ୍ୟବହାର ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ଲକ୍ଷ୍ୟଭିତିକ ଆଇଟି ସଂସ୍କାରକୁ ୩୧ ଅଗଷ୍ଟ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ସମୟସୀମା ଧାର୍ଯ୍ୟ ହୋଇଛି । ଅଗ୍ରଗତିର ପୁନଃସମୀକ୍ଷା ପାଇଁ ୨୫ ଅଗଷ୍ଟରେ ବୈଠକ କରି ବକେୟା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସଂସ୍କାର ମାଧ୍ୟମରେ ବ୍ୟବସାୟୀ ଓ ନିବେଶକଙ୍କ ପାଇଁ ସରକାରୀ ସେବାକୁ ଅଧିକ ସରଳ, ସ୍ୱଚ୍ଛ ଓ ସମୟବଦ୍ଧ କରିବା ଲକ୍ଷ୍ୟ ରହିଛି ।

# ଗାଲେ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ହରାଇଲା ଭାରତ



ନୂଆଦିଲ୍ଲୀ : ଲଙ୍କା ଗଡ଼ରେ ଭାରତର ତାଣ୍ଡବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପୂର୍ବରୁ ପ୍ରଥମ ପରୀକ୍ଷାରେ ପାସ୍ ହୋଇଛି ଟିମ୍ ଇଣ୍ଡିଆ । ବ୍ୟାଟିଂ-ବୋଲିଂରେ ପ୍ରଭାବୀ ପ୍ରଦର୍ଶନ କରି ଗାଲେରେ ଶ୍ରୀଲଙ୍କା କ୍ରିକେଟ୍ ଟିମକୁ ଧୋଇ ଦେଇଛି ଗିଲ୍ ବାହିନୀ । ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଭାରତ ବନାମ ଶ୍ରୀଲଙ୍କା ପ୍ରଥମ ଟେଷ୍ଟର ଫଳାଫଳ ଆସିଛି । ଭାରତ ଗାଲେ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନରେ ହରାଇଛି । ମ୍ୟାଚର ପରିଣାମ ପଂଚମ ଦିନରେ ଆସିଛି । ମାନବ ସୁଥାର ପଂଚମ ଦିନରେ ଘାତକ ବୋଲିଂ କରି ୬ ୱିକେଟ୍ ହାସଲ କରିଛନ୍ତି । ମ୍ୟାଚ୍‌ରେ ମାନବ ମୋଟ୍ ୧୦ଟି ୱିକେଟ୍ ଅକ୍ତିଆର କରିଛନ୍ତି । ବର୍ତ୍ତମାନ ପ୍ରଥମ ଟେଷ୍ଟ ଜିତି ଭାରତ ସିରିଜ ୧-୦ରେ ଆଗୁଆ ରହିଛି । ଦୁଇଦେଶ ମଧ୍ୟରେ ଅଗଷ୍ଟ ୨୩ରୁ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ଏବେ ଟିମ୍ ଇଣ୍ଡିଆର ଲକ୍ଷ୍ୟ ରହିବ ୨-୦ରେ ସିରିଜ୍ ହ୍ୱାଇଟ୍‌ୱାସ୍ । ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ କରିଥିଲା । ଭାରତ ଦ୍ୱିତୀୟ ଇନିଂସରେ ୧୯୩ ରନ୍ କରିଥିଲା । ଶ୍ରୀଲଙ୍କା ତାର ପ୍ରଥମ ଇନିଂସରେ ୨୮୪ ରନ୍ କରିଥିବାବେଳେ ଦ୍ୱିତୀୟ ଇନିଂସରେ ୨୦୬ ରନ୍ କରି ଅଲଆଉଟ୍ ହୋଇଛି । ଭାରତର ଏହା ୬୦୦ତମ ଟେଷ୍ଟ ମ୍ୟାଚ୍ ଯାହା ଦମଦାର ବିଜୟ ସହିତ ସରିଛି । ଶତକୀୟ ପାଳି ଖେଳିଥିବା ଦେବଦତ ପାଡିକ୍କଲ ପ୍ଲେୟାର ଅଫ୍ ଦି ମ୍ୟାଚ୍ ହୋଇଛନ୍ତି । ଏହି ଦମଦାର ବିଜୟ ପରେ ଅଧିନାୟକ ଶୁଭମନ ଗିଲ କହିଛନ୍ତି, 'ଟେଷ୍ଟ କ୍ରିକେଟରେ ଆଗାମୀ ଗୋଟିଏ ବର୍ଷ ପାଇଁ WTC ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବା ହେଉଛି ଚୂଡ଼ାନ୍ତ ଲକ୍ଷ୍ୟ । '୩୭୨ ରନର କଷ୍ଟକର ବିଜୟ ଲକ୍ଷ୍ୟର ପିଛା କରି ଶ୍ରୀଲଙ୍କା ଲଂଚ ପର ସେସନରେ ୭୭.୪ ଓଭରରେ ୨୦୬ ରନରେ ଅଲଆଉଟ୍ ହୋଇଛି । ମାନବ ସୁଥାରର ଦ୍ୱିତୀୟ ଇନିଂସରେ ୫୫ ରନ୍ ଦେଇ ୬ ୱିକେଟ୍ ନେଇଛନ୍ତି । ତାଙ୍କ ଟେଷ୍ଟ କ୍ୟାରିୟରରେ ସେ ଦ୍ୱିତୀୟ ପାଂଚ ୱିକେଟ୍ ପୂରଣ କରିଛନ୍ତି ।

# ଏଫ୍‌ଆଇଏଚ୍ ବିଶ୍ୱକପ୍ ଆଜି ଇଂଲଣ୍ଡକୁ ଭେଟିବ ଭାରତ

ଆମଷ୍ଟେଲଭିନ୍: ଚଳିତ ଏଫ୍‌ଆଇଏଚ୍ ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ଲକ୍ଷ୍ୟରେ ଥିବା ଅପରାଜେୟ ଭାରତୀୟ ମହିଳା ହକି ଦଳ ଗୁରୁବାର



ପୁଲ୍-ଡି'ର ଶେଷ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ । ବିଶ୍ୱର ୪ ନମ୍ବର ତଥା ଅଲିମ୍ପିକ୍ସ ରୌପ୍ୟ ବିଜେତା ଚୀନ୍ ବିପକ୍ଷ ପ୍ରଥମ ମ୍ୟାଚ୍‌କୁ ୨-୨ରେ ଡ୍ର' ରଖି ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୬-୧ରେ ହରାଇ ଦୃଢ଼ ଆତ୍ମବିଶ୍ୱାସରେ ରହିଛି । ଗୁରୁବାର ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌କୁ ଅତିକମ୍‌ରେ ଡ୍ର' ରଖିଦେଲେ ଭାରତର ପରବର୍ତ୍ତୀ ରାଉଣ୍ଡ ନିଶ୍ଚିତ ହେବ । ସଂପ୍ରତି ଭାରତ ଓ ଚୀନ୍ ପ୍ରତ୍ୟେକ ୪ ପଏଂଟ୍ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନରେ ଭାରତ ଆଗରେ ରହି ଟେବୁଲର ଶୀର୍ଷରେ ରହିଛି । ଇଂଲଣ୍ଡ ୩ ପଏଂଟ ସହ ଦ୍ୱିତୀୟ ସ୍ଥାନରେ ଥିବାରୁ ଏହାକୁ ଅତିକମ୍‌ରେ ଏହି ମ୍ୟାଚ୍ ବିଜୟ ହିଁ ଫାଇନାଲ୍‌କୁ ନେଇପାରିବ । ଚଳିତ ବିଶ୍ୱକପ୍‌ରେ ଭାରତର ଆକ୍ରମଣାତ୍ମକ ଖେଳ ତା'ର ଶକ୍ତି ବୃଦ୍ଧି କରିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳର ୬ ଜଣ ଖେଳାଳି ଗୋଲ୍ କରିଥିଲେ । ଯାହା ୧୧ ଜଣ ପଦାର୍ପକାରୀଙ୍କୁ ନେଇ ଖେଳୁଥିବା ଭାରତୀୟ ଦଳରେ ସଠିକ୍ ସନ୍ତୁଳନ ଥିବା ଜଣାପଡ଼ିଛି । ଏପର୍ଯ୍ୟନ୍ତ ଦୀପିକା ଓ ନବନୀତ କୌର ୨ଟି ଲେଖାଏଁ ଗୋଲ୍ ଦେଇଥିଲା ବେଳେ ଲାଲରେମସିଆମି ଓ ଓଡ଼ିଶା ସୁନେଲିତା ଟୋପ୍ପୋ ପରୱାର୍ଡରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ।

# ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ଲଣ୍ଡନରେ ସମ୍ମାନିତ



ଲଣ୍ଡନ: ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଖେଳାଳିଙ୍କ ସାହସ, ଦୃଢ଼ତା ଏବଂ ସଫଳତାକୁ ସମ୍ମାନ ଜଣାଇ ଦକ୍ଷିଣ ପୂର୍ବ ଲଣ୍ଡନର ଏକ ପୁରସ୍କାର ପ୍ରାପ୍ତ ଚିଲିକା ରେଷ୍ଟୋରାଁ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି । ଖେଳାଳିମାନଙ୍କୁ ଭାରତୀୟ ପରମ୍ପରା ଅନୁଯାୟୀ ସ୍ୱାଗତ କରାଯାଇଥିଲା । ବିଭିନ୍ନ ଭାରତୀୟ ସମୁଦାୟର ଲୋକେ ଏକାଠି ହୋଇ ଖେଳାଳିଙ୍କ ସହ ଖୁସି ବାଂଟିଥିଲେ । ଏହି ସମ୍ମାନ ଖେଳାଳିଙ୍କ ମନୋବଳ ବଢ଼ାଇବା ସହ ଆଗାମୀ ମ୍ୟାଚ୍ ପାଇଁ ସେମାନଙ୍କୁ ଉତ୍ସାହ ଦେଇଛି । ଏହା ବ୍ରିଟେନ୍‌ରେ ଥିବା ଭାରତୀୟ ସମୁଦାୟର ଦଳ ପ୍ରତି ଥିବା ସମର୍ଥନ ମଧ୍ୟ ଦର୍ଶାଇଛି । ଭାରତୀୟ ଭିନ୍ନକ୍ଷମ କ୍ରିକେଟ୍ ଦଳ ନିଜ ଦୃଢ଼ ମନୋବଳ ଓ ପରିଶ୍ରମ ଦ୍ୱାରା ଅନେକଙ୍କୁ ପ୍ରେରଣା ଦେଇ ଆସିଛି । ଚିଲିକାରେ ସମ୍ମାନିତ ଖେଳାଳିଙ୍କ ମଧ୍ୟରେ ଜୟେଶ୍ ପରମାର. ତରୁଣ, ରିଜୁଆନ୍ ଅଲତାଫ୍ ଭଟ୍ଟ, ଅର୍ଜୁନ ରାଜେଶ୍ ଗଓ୍ୱାରେ, କୁଲଦୀପ ସିଂ, ଯଶନାଥ ନାଇଡୁ ରାଭୁରି, ବିବେକ କୁମାର, ସୁଦର୍ଶନ ଏଲାଙ୍ଗୋଭାନ୍, ହିଲାଲ୍ ଅହମ୍ମଦ୍ ୱାନି, ସାଇଆକାଶ ସାଇଭାମଣୀ, ରବୀନ୍ଦ୍ର ଗୋପୀନାଥ ସାଂଟେ, ଯୋଗେନ୍ଦ୍ର ସିଂହ, ବୃଷାନ୍ତ ସନ୍ଦୀପ ଗଞ୍ଜାଲ୍, ରାଜେଶ୍ ଇରାପ୍ପା କନ୍ନୁର, ମଜିଦ୍ ଅହ ମାଗ୍ରେ ଏବଂ ଶିବ ଶଙ୍କର ଗୁଂଟିଗାନାପାଲ୍ଲୀ ସୁବାରାପ୍ପା ରହିଥିଲେ । ଦଳର ମୁଖ୍ୟ ପ୍ରଶିକ୍ଷକ ରୋହିତ ଝାଲାନି, ସହକାରୀ ପ୍ରଶିକ୍ଷକ ଦେବଦତ, ଫିଲ୍ଡିଂ କୋଚ୍ ରୋହିତ ଶର୍ମା, ଏଚ୍ ଆଣ୍ଡ ସି କୋଚ୍ ରାମସ୍ୱରୂପ ସାଇନି, ସୋସିଆଲ୍ ମିଡିଆ ମ୍ୟାନେଜର୍ ବାସନ ଗିରି, ଫିଜିଓ ମୟଙ୍କ ପୁଷ୍କର, ଟିମ୍ ମ୍ୟାନେଜର୍ ବିନିତ ମଲହୋତ୍ରା ଏବଂ ଲଜିଷ୍ଟିକ୍ ମ୍ୟାନେଜର୍ ଧିରଜ୍ ହାଡେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

Printed & Published by Kishore Das, Owner & Editor Nirmalya Mohanty & Printed at Nirmalya Offset Press, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- Laxminarayan Mohanty, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- Nirmalya Mohanty, ସମ୍ପାଦକ- ନିର୍ମାଲ୍ୟ ମହାନ୍ତି